ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.236 Bhubaneswar Sunday, November 07, 2021 | ୨୪ତମ ବର୍ଷ ସଂଖ୍ୟା–୨୩୬ ଭୁବନେଶ୍ୱର, ରବିବାର, ନଭେମ୍ବର ୦୭, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS



ତିନିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସର୍ବଦଳୀୟ ବୈଠକରେ ଅଧ୍ୟକ୍ଷତା କରୁଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ଆଦିତ୍ୟ ପ୍ରସାଦ ପାଢ଼ୀ। ଅନ୍ୟମାନଙ୍କ ମଧ୍ୟରେ ସଚିବ ରାୟଚନ୍ଦ୍ରନାଥ ସାହୋ, ସ୍ୱତନ୍ତ୍ର ସଚିବ ରଘୁରାମ ଆର ଆୟାର, ଡେପୁଟି ସେକ୍ରେଟରୀ ଆଜାଦ ହିନ୍ଦ ପାଣିଗ୍ରାହୀ, ଆଇନ୍ ଅଧିକାରୀ ମାଧୁରୀ ମିଶ୍ର ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧୀ ଉପସ୍ଥିତ ଅଛନ୍ତି।

## କମିଲା ବସ୍ ଭଡା

ଭୁବନେଶ୍ୱର, ୬।୧୧(ପି.ଏନ): ତେଲ ଦର କମିବା ପରେ ରାଜ୍ୟରେ ବସ୍ ଭଡା ହ୍ରାସ ପାଇଛି। ଅର୍ଡିନାରି ଓ ଏକ୍ସପ୍ରେସ୍ ବସ୍ ଭଡା କିଲୋମିଟର ପିଛା ୫ ପଇସା କମିଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିମି ପିଛା ୧୦ ପଇସା ହ୍ରାସ ପାଇଛି। ସେହିପରି ସୁପର ପ୍ରିମିୟମ୍ ବସ୍ ଭଡା ୧୫ ପଇସା ହ୍ରାସ ପାଇଛି। ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ) ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର କୁମାର ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତିଯେ ପୂର୍ବରୁ ଅର୍ଡିନାରି ବସ୍‌ରେ କିମି ପିଛା ଯାତ୍ରୀଙ୍କୁ ୯୨ ପଇସା ଦେବାକୁ ପଡୁଥିଲା। ନୂତନ ଦର ଅନୁସାରେ କିମି ପିଛା ୮୭ ପଇସା ଦେବାକୁ ପଡ଼ିବ। ସେହିଭଳି ଏକ୍ସପ୍ରେସ୍ ବସ ଭଡା କିମି ପିଛା ୯୬ ପଇସାରୁ ୯୧ ପଇସା କରି ଦିଆଯାଇଛି। ଡିଲକ୍ସ ବସ୍ ଭଡା ୧ଟଙ୍କା ୩୫ ପଇସାରୁ ୧ଟଙ୍କା ୨୫ ପଇସା ଏବଂ ଏସି ଡିଲକ୍ସ ବସ୍ ଭଡ଼ା କିମି ପିଛା ୧ଟା ୬୩ ପଇସାରୁ ୧ଟଙ୍କା ୫୩ ପଇସା ହୋଇଛି। ସେହିପରି ସୁପର ପ୍ରିମିୟମ୍ ବସ୍ ଭଡା ୨ଟଙ୍କା୫୩ ପଇସାରୁ ୨ଟଙ୍କା ୩୮ ପଇସାକୁ ହ୍ରାସ ପାଇଛି।

## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**

## ଆନ୍ଧ୍ର ସହ ଆଲୋଚନା କରି ସୀମା ବିବାଦର ସମାଧାନ କରନ୍ତୁ ସରକାର

ଭୁବନେଶ୍ୱର, ୬।୧୧(ପି.ଏନ): ଆନ୍ଧ୍ର ଓଡିଶା ସୀମା ବିବାଦ ପ୍ରସଙ୍ଗରେ ଆସନ୍ତା ୯ତାରିଖ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ରେଡ୍ଡି ଓଡିଶା ଗସ୍ତରେ ଆସୁଛନ୍ତି। ରାଜ୍ୟସରକାର ବହୁ ପୂର୍ବରୁ ଏହି ଯେଉଁ ସୀମା ବିବାଦ ଲାଗି ରହିଛି ସେହି ବିଷୟରେ ଗୁରୁତ୍ୱ ଦେଇ ଆଲୋଚନା କରିବା ଆବଶ୍ୟକତା ଥିଲା, କିନ୍ତୁ ବହୁବିଳମ୍ବରେ ହେଲେ ମଧ ଏହି ବିଷୟରେ ଚିନ୍ତା କରିଛନ୍ତି। ସୀମା ବିବାଦକୁ ନେଇ ଯେଉଁ ସମସ୍ୟା ସୃଷ୍ଟି ହୋଇଛି, ତାର ସମାଧାନ ନିହାତି ଆବଶ୍ୟକ । ଓଡିଶା ସରକାର ଗମ୍ଭୀରତା ପୂର୍ବକ ସୀମା ବିବାଦ ପ୍ରସଙ୍ଗକୁ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଆଲୋଚନା କରି ସମାଧାନ କରନ୍ତୁ । ସୀମା ବିବାଦକୁ ନେଇ ଆଗାମୀ ଦିନରେ ଦୁଇ ରାଜ୍ୟ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ବଜାୟ ରଖିବା ପାଇଁ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଦୃଢ଼ ଏଜେଣ୍ଡା ପ୍ରସ୍ତୁତ କରନ୍ତୁ । ଏହି ଆଲୋଚନାରେ ଓଡିଶାର ସ୍ୱାର୍ଥ ଯେପରି ହାନି ନହୁଏ, ସେ ଦିଗରେ ମୁଖ୍ୟମନ୍ତ୍ରୀ ନିହାତି ଦୃଷ୍ଟି ରଖିବା ଆବଶ୍ୟକ ବୋଲି ରାଜ୍ୟ ଗଣମାଧ୍ୟମ ବିଭାଗ ପ୍ରମୁଖ ଦିଲୀପ ମଲ୍ଲିକ କହିଛନ୍ତି।

## ଗୋଟିଏ ଦିନରେ ୨୦୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୬।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୦୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୩୧୫୧ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୨୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୧ ହଜାର ୪୨୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୩୧୯ ରହିଛି। ଆଜି ଚିହ୍ନଟ ହୋଇଥିବା ୨୦୮ଜଣଙ୍କ ମଧ୍ୟରୁ ୧୧୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୯୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବାଲେଶ୍ୱରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୨୦ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୭, ଗଂଜାମ ଜିଲ୍ଲାରୁ ୨ ହେଲେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୭ ଜଣ, ଯାଜପୁରରୁ ୧୨ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ା ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୯୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୩ ଜଣ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୧ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୮ ଜଣ ଓ ଷ୍ଟେଟ୍ ପୁଲରୁ ୨୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ନିର୍ବାଚନ ଆସିଲେ ନାରୀ ସୁରକ୍ଷାକୁ ପ୍ରସଙ୍ଗ କରନ୍ତି ବିରୋଧୀ : ବିଜେଡି

ଭୁବନେଶ୍ୱର, ୬।୧୧(ପି.ଏନ): ନିର୍ବାଚନ ଆସିଲେ ହିଁ ବିରୋଧୀଙ୍କର ନାରୀ ସୁରକ୍ଷା ପ୍ରସଙ୍ଗ ଉଠେ । ଆଉ ନିର୍ବାଚନ ସରିଗଲେ ଏହି କଥାକୁ ଭୁଲିଯାଆନ୍ତି। ନିର୍ବାଚନ ପାଇଁ ବିରୋଧୀମାନେ ଶସ୍ତା ରାଜନୀତି କରନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ।ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ୨୦୧୪ ସାଧାରଣ ନିର୍ବାଚନ ଓ ବିଜେପୁର-ଉପନିର୍ବାଚନ ପୂର୍ବରୁ ଜାଣିଶୁଣି ବିରୋଧୀ ୨୦୧୩ ଇତିଶ୍ରୀ ପ୍ରଧାନ ଘଟଣା ଓ ୨୦୧୭ର କୁନ୍ଦୁଲି ଘଟଣାକୁ ପ୍ରସଙ୍ଗ କରିଥିଲେ । ହେଲେ ନିର୍ବାଚନ ସରିଯିବା ପରେ ଏହି କଥାକୁ ବିରୋଧୀ ଭୁଲି ଯାଇଥିଲେ । କେବଳ ନିର୍ବାଚନ ବୈତରଣୀ ପାର୍ କରିବା ପାଇଁ ବିରୋଧୀ ଏପରି ଶସ୍ତା ରାଜନୀତି କରୁଥିଲେ । ସରକାର ସବୁବେଳେ ନାରୀ ସୁରକ୍ଷା ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇଥାନ୍ତି ବୋଲି ବିଜେଡି ମୁଖପାତ୍ର କହିଛନ୍ତି ।କଧଷ ପାତ୍ର ବିଜେପିକୁ କଟାକ୍ଷ କରି କହିଛନ୍ତି ଯେ ପୀଡିତା କିମ୍ବା ସେମାନଙ୍କ ପରିବାର ପ୍ରତି ବିଜେପିର କୌଣସି ସହାନୁଭୂତି, ସମ୍ବେଦନଶୀଳତା କିମ୍ବା ଚିନ୍ତା ନାହିଁ ଏବଂ ପୀଡିତା ଏବଂ ସେମାନଙ୍କ ପରିବାରର ସମ୍ମାନ ପ୍ରତି ମଧ୍ୟ ଧ୍ୟାନ ନାହିଁ।

## ପେଟ୍ରୋଲ ଓ ଡିଜେଲ ଉପରେ ଆହୁରି ୧୪ ଟଙ୍କା କମାନ୍ତୁ ଓଡିଶା ସରକାର : ସମୀର ମହାନ୍ତି

ଭୁବନେଶ୍ୱର,୬।୧୧(ପି.ଏନ): ପେଟ୍ରୋଲ ଓ ଡିଜେଲ ଦର ହ୍ରାସ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଧାରଣଲୋକଙ୍କୁ ଦୀପାବଳି ପ୍ରଦାନ କରିଛନ୍ତି। ଡିଜେଲ ଉପରେ ୧୦ଟଙ୍କା ଓ ପେଟ୍ରୋଲ ଉପରେ ୫ଟଙ୍କା ହ୍ରାସ କରାଯାଇଛି । ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୋଦି ସରକାର ପେଟ୍ରୋଲ ଓ ଡିଜେଲର ଦର ହ୍ରାସ କରିବା ପରେ ବିଜେପି ଶାସିତ ରାଜ୍ୟଗୁଡିକ ଭାଟ୍ ପରିମାଣକୁ କମାଇଲେ। ଉତର ପ୍ରଦେଶ ସରକାର ପେଟ୍ରୋଲ ଓ ଡିଜେଲ୍ ଉପରେ ୧୨ଟଙ୍କା, ଗୁଜୁରାଟ ସରକାର ପେଟ୍ରୋଲ ଉପରେ ୧୨ଟଙ୍କା ଓ ଡିଜେଲ୍ ଉପରେ ୧୭ଟଙ୍କା, କର୍ଣ୍ଣାଟକ ସରକାର ପେଟ୍ରୋଲ ଉପରେ ୧୨ଟଙ୍କା ଓ ଡିଜେଲ୍ ଉପରେ ୧୭ଟଙ୍କା ହ୍ରାସ କରିଛନ୍ତି।

## କାଦମ୍ବିନୀ ନଭେମ୍ବର ସଂଖ୍ୟା ଉନ୍ମୋଚିତ

ଭୁବନେଶ୍ୱର, ୬।୧୧(ପି.ଏନ): ମାସିକ ପାରିବାରିକ ପତ୍ରିକା କାଦମ୍ବିନୀର ଚଳିତ ନଭେମ୍ବର ସଂଖ୍ୟା ଶନିବାର ଉନ୍ମୋଚିତ ହୋଇଯାଇଛି। କାଦମ୍ବିନୀର ଏହି ସଦ୍ୟ ସଂସ୍କରଣର ପ୍ରଚ୍ଛଦ ପୃଷ୍ଠାରେ ସ୍ଥାନ ପାଇଥିବା ଭାରତୀୟ ହକି ଦଳର ପ୍ରାକ୍ତନ ଅଧିନାୟକ ପଦ୍ମଶ୍ରୀ ଦିଲିପ ତିର୍କୀ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଓଡ଼ିଶୀ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ର ଏଥିରେ ଅତିଥି ଭାବେ ଯୋଗଦେଇ କାଦମ୍ବିନୀ ଓ କୁନିକଥାର ସଦ୍ୟତମ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। କାଦମ୍ବିନୀର ଏହି ଭିନ୍ନ ପ୍ରୟାସକୁ ସ୍ୱାଗତ କରି ଶ୍ରୀ ତିର୍କୀ କହିଲେ, କାଦମ୍ବିନୀ ସର୍ବଦା ଓଡ଼ିଶାର କଳାକାର ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି



ବିଶେଷଙ୍କୁ କାଦମ୍ବିନୀ ପ୍ରଚ୍ଛଦରେ ସ୍ଥାନୀତ କରୁଛି। ଏହା ଏକ ପ୍ରଶଂସନୀୟ ଉଦ୍ୟମ। ଏଥି ପାଇଁ ସେ କାଦମ୍ବିନୀକୁ ଧନ୍ୟବାଦ ଜଣାଇଥିଲେ। ସୁଦର୍ଶନ ପଟ୍ଟନାୟକ ମଧ କାଦମ୍ବିନୀର ଏହି ପଦକ୍ଷେପକୁ ସାଧୁବାଦ ଜଣାଇବା ସହ ଓଡ଼ିଶା ଓ ଓଡ଼ିଆଙ୍କ ପ୍ରତି କାଦମ୍ବିନୀର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କର ଯେଉଁ ଶ୍ରଦ୍ଧା ଓ ଆତ୍ମୀୟତା ରହିଛି ସେଥିପାଇଁ ସେ ଶ୍ରୀ ସାମନ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହାକୁ ପାଥେୟ କରି କାଦମ୍ବିନୀ ମଧ ଓଡ଼ିଶାର କଳା, ସଂସ୍କୃତି ଓ ସାହିତ୍ୟକୁ ଅଗ୍ରାଧିକାର ଦେଉଥିବାରୁ ପତ୍ରିକା ଦୀର୍ଘଜୀବି ହେବ ସେ ବୋଲି ଆଶା ପୋଷଣ କରିଥିଲେ। କାଦମ୍ବିନୀ ଜରିଆରେ ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷମାନେ ଏକାଠି ହୋଇପାରୁଛନ୍ତି। କାଦମ୍ବିନୀର ଏଭଳି ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ଓଡ଼ିଶୀ ନୃତ୍ୟଗୁରୁ ଶ୍ରୀ ମହାପାତ୍ର କହିଥିଲେ। ସ୍ୱାଗତ ଭାଷଣ ଦେବା ସହ ଶ୍ରୀ ସାମନ୍ତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିଶୁ କଳାକାର ଐଶ୍ୱର୍ଯ୍ୟା ମିଶ୍ରଙ୍କୁ ମଧ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କାଦମ୍ବିନୀ ଓ କୁନିକଥାର ସମ୍ପାଦିକା ଡ. ଇତି ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବକାରୀ ବିଭାଗର ଜୋରଦାର ଚଢାଉ

ଭୁବନେଶ୍ୱର, ୬।୧୧(ପି.ଏନ): ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଅକ୍ଟୋବର ମାସ ମଧ୍ୟରେ ଅବକାରୀ ବିଭାଗ ପକ୍ଷରୁ ଗତବର୍ଷ ତୁଳନାରେ ଅଧିକ ପରିମାଣରେ ଅବକାରୀ ସାମଗ୍ରୀ ଜବତ ସହିତ ଅଧିକ ଏନଡିପିଏସ ମାମଲା ରୁଜୁ କରିଛି । ୨୦୨୧-୨୨ ବର୍ଷରେ ଏହି ସମୟ ମଧ୍ୟରେ ୩୭୭ଟି ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ୨୦୨୦-୨୧ ବର୍ଷରେ ଏହା ମାତ୍ର ୧୧୬ଟି ଥିଲା । ସେହିଭଳି ଏହି ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ୪୪୮ଜଣ ବ୍ୟକ୍ତିଙ୍କୁ ନିଶାକାରବାର ମାମଲାରେ ଗିରଫ କରାଯାଇଥିବାବେଳେ ୨୦୨୦-୨୧ ବର୍ଷର ଏହି ସମୟରେ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ୧୪୨ ରହିଥିଲା । ମାମଲା ରୁଜୁ ଓ ଗିରଫ ବ୍ୟକ୍ତିଙ୍କ ଭଳି ଗଞ୍ଜେଇ, ବ୍ରାଉନସୁଗାର ଓ କଫସିରପ ଜବତ ପରିମାଣ ମଧ୍ୟ ବୃଦ୍ଧି ପାଇଛି । ୨୦୨୧-୨୨ ବର୍ଷରେ ଏପ୍ରିଲରୁ ଅକ୍ଟୋବର ମାସ ମଧ୍ୟରେ ୧୪୬ କୁଇଂଟାଲ ଗଞ୍ଜେଇ, ପ୍ରାୟ ୮କିଲୋ ବ୍ରାଉନସୁଗାର ଓ ୫୧୯ ଲିଟର କଫ ସିରପ ଜବତ ହୋଇଥିବାବେଳେ ୨୦୨୦-୨୧ ବର୍ଷର ଏପ୍ରିଲ ରୁ ଅକ୍ଟୋବର ମଧ୍ୟରେ ୩୪ କୁଇଂଟାଲ ଗଞ୍ଜେଇ ଓ ୬୦୭ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ସେହିବର୍ଷ କୌଣସି କଫସିରପ ଜବତ ହୋଇନଥିଲା ।କ ଚଳିତବର୍ଷ ଅକ୍ଟୋବର ମାସରେ ରାଜ୍ୟ ଅବକାରୀ ଗୁଇନ୍ଦା ସ୍କ୍ୱାଡ୍ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଂଚଳରୁ ୧.୫ କିଲୋ ବ୍ରାଉନସୁଗାର ଜବତ କରିଛନ୍ତି । ଜଣେ ଦୁର୍ଦ୍ଧାନ୍ତ ନିଶାବେପାରୀକୁକ ଗିରଫ କରିଛି। ସେହିଭଳି ବସ୍ତା ଥାନା ଅଂଚଳର ବିଦ୍ୟାଧରପୁରରୁ ୨.୧ କିଲୋ ବ୍ରାଉନସୁଗାର ଜବତ ସହିତ ଦୁଇଜଣ ଦୁର୍ଦ୍ଧାନ୍ତ ନିଶା ବେପାରୀଙ୍କୁ ଗିରଫ କରାଯାଇଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୩କୋଟି ୬୦ଲକ୍ଷ ଟଙ୍କା ହେବ। ଅନୁରୂପ ଭାବେ ବ୍ରହ୍ମପୁର ଅବକାରୀ ଜିଲ୍ଲା ପକ୍ଷରୁ ୧୨୫୦ କିଲୋ ଗଞ୍ଜେଇ ଜବତ ହୋଇଛି ଯାହାର ଆନୁମାନିକ ମୂଲ୍ୟ ୬୨.୫୦ ଲକ୍ଷ ଟଙ୍କା । ଏଥି ସହିତ ଗୋଟିଏ ଟ୍ରକ, ଗୋଟିଏ କାର ଏବଂ ୪ଜଣ ନିଶାବେପାରୀଙ୍କୁ ଗତ ସେପ୍ଟେମ୍ବର ମାସରେ ଗିରଫ କରାଯାଇଛି । ସେହି ମାସରେ କୋରାପୁଟ ଜିଲ୍ଲା ପଡୱା ଥାନା ଅଞ୍ଚଳରୁ ଅବକାରୀ ଟିମ ପ୍ରାୟ ୪୨ଲକ୍ଷ ଟଙ୍କା ମୂଲ୍ୟର ୮୪୦ କିଲୋ ଗଞ୍ଜେଇ ଜବତ କରିବାରେ ସକ୍ଷମ ହୋଇଛି । ରାଜ୍ୟ ଅବକାରୀ ନିର୍ଦ୍ଦେଶାଳୟ ଦ୍ୱାରା ସମସ୍ତ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହିତ କାର୍ଯ୍ୟକ୍ଷମତାକୁ ସୁଦୃଢ଼ କରିବା ପାଇଁ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।










# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ି ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।






# କାଶି ବିଶାଳକ୍ଷ୍ମୀଙ୍କ ଶକ୍ତିପୀଠ, ବାରଣାସୀ





କାଶୀ ବିଶାଲକ୍ଷ୍ମୀ ମନ୍ଦିର ହିନ୍ଦୁ ଧର୍ମର ପ୍ରସିଦ୍ଧ ୫୧ଟି ଶକ୍ତିପୀଠ ମଧ୍ୟରେ ଅନ୍ୟତମ। ଏହି ମନ୍ଦିର ଉତରପ୍ରଦେଶର ପ୍ରାଚୀନ ନଗର କାଶୀ (ବାରଣାସୀ)ରେ କାଶୀ ବିଶ୍ୱନାଥ ମନ୍ଦିରରୁ କିଛି ଦୂରରେ ଗଙ୍ଗା ନଦୀ କୂଳ ମୀରଘାଟ (ମଣିକର୍ଣ୍ଣିକା ଘାଟ)ରେ ଅବସ୍ଥିତ। ଶାସ୍ତ୍ର ଅନୁଯାୟୀ ଏହି ଶକ୍ତିପୀଠ ମା’ଦୁର୍ଗାଙ୍କ ଶକ୍ତିର ପ୍ରତୀକ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଏଠାରେ ଦେବୀ ସତୀଙ୍କ ଡ଼ାହାଣ କାନର କୁଣ୍ଡଳ ପଡ଼ିଥିଲା।

ବିଶାଲକ୍ଷ୍ମୀ ମନ୍ଦିର ବା ବିଶାଲକ୍ଷ୍ମୀ ଗୌରୀ ମନ୍ଦିର ହିନ୍ଦୁମାନଙ୍କର ପ୍ରସିଦ୍ଧ ମନ୍ଦିର ଗୁଡ଼ିକ ମଧ୍ୟରେ ଗୋଟିଏ। ଏହି ମନ୍ଦିର ଦେବୀ ବିଶାଲକ୍ଷ୍ମୀଙ୍କୁ ସମର୍ପିତ। ବିଶାଲକ୍ଷ୍ମୀ ଏକ ସଂସ୍କୃତ ଶବ୍ଦ। ଏହାର ଅର୍ଥ ହେଲା ଯାହାର ବଡ଼ ଆଖି। ବାରଣାସୀର ପୁରାତନ ନାମ କାଶୀ। କାଶୀ ପ୍ରାଚୀନ ଭାରତର ସାଂସ୍କୃତିକ ତଥା ପୁରାତତ୍ୱର ଉତରାଧିକାରୀ। କାଶୀ ବା ବାରଣାସୀ ହିନ୍ଦୁ ମାନଙ୍କର ପବିତ୍ର ସ୍ଥାନ ଗୁଡ଼ିକ ମଧ୍ୟରେ ଗୋଟିଏ। ଦେବୀ ପୁରାଣରେ କାଶୀର ବିଶାଲକ୍ଷ୍ମୀ ମନ୍ଦିରର ଉଲ୍ଲେଖ ରହିଛି। ଏହି ମନ୍ଦିରରେ ଶକ୍ତିଙ୍କୁ ଦେବୀ ବିଶାଲକ୍ଷ୍ମୀଙ୍କ ରୂପରେ ପୂଜା କରାଯାଏ ଓ ଭୈରବଙ୍କୁ ସଂରକ୍ଷକ ବା କାଳ ଭୈରବ ରୂପରେ ପୂଜା କରାଯାଏ। ଭାରତ ଏକ ପୂଣ୍ୟଭୂମି, ଖାସ ଏହାର ଦେବୀ ଦେବତାଙ୍କୁ ନେଇ। ସୃଷ୍ଟି ଆରମ୍ଭରୁ ପ୍ରତ୍ୟେକ ସ୍ଥାନର ନିଜସ୍ୱ ସ୍ୱତନ୍ତ୍ରତା ଅଛି, ଯାହା ଅଜଣା, କେବଳ ଇତିହାସର ରୂପାନ୍ତର। ଶକ୍ତିପୀଠ, ଯାହା ଏକ ରହସ୍ୟପୂର୍ଣ୍ଣ ଗାଥା, ପ୍ରାୟତଃ ଜନମାନସରେ ଅଗୋଚର ହୋଇ ରହିଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ



ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା’ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା’ ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା’ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ (ଆନ୍ଧ୍ର ପ୍ରଦେଶର ମୁରାମଲ୍ଲା) ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହେଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ, ଯେପର୍ଯ୍ୟନ୍ତ ଶିବଙ୍କ ହସ୍ତରୁ ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସ ମୁଖରୁ ବର୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା’ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା’ଙ୍କ ଶରୀରର ବିଭିନ୍ନ



ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ଏହି ସ୍ଥାନ ଗୁଡ଼ିକ ଅତି ପବିତ୍ର ତୀର୍ଥ ସ୍ଥଳ ଭାବେ ବିଖ୍ୟାତ। ସେହି ପୀଠ ମାନଙ୍କ ମଧ୍ୟରେ କାଶୀ ବିଶାଲକ୍ଷ୍ମୀ ଶକ୍ତିପୀଠ ଅନ୍ୟତମ। ଏଠାରେ ଦେବୀଙ୍କ ଡ଼ାହାଣ କାନର କୁଣ୍ଡଳ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନକୁ ମଧ୍ୟ “ମଣିକର୍ଣ୍ଣିକା ଘାଟ” କୁହାଯାଏ।

ଅନ୍ୟ ଏକ କଥାରୁ ଜଣାଯାଏ ଯେ, ମାତା ଅନ୍ନପୂର୍ଣ୍ଣା, ଯାହାଙ୍କ ଆଶୀର୍ବାଦରୁ ସଂସାରର ସମସ୍ତ ଜୀବ ଖାଦ୍ୟ ପାଆନ୍ତି, ସେ ହିଁ “ମା’ ବିଶାଲକ୍ଷ୍ମୀ”! ସ୍କନ୍ଧ ପୁରାଣର କଥା ଅନୁସାରେ ଯେତେବେଳେ ଋଷି ବ୍ୟାସଙ୍କୁ ବାରଣାସୀରେ କେହି ବି ଖାଦ୍ୟ ଦେଉ ନଥିଲେ, ସେତେବେଳେ ସ୍ୱଂୟ ବିଶାଲକ୍ଷ୍ମୀ ଜଣେ ଗୃହିଣୀ ରୂପରେ ଆସି ଋଷି ବ୍ୟାସଙ୍କୁ ଖାଦ୍ୟ ଦେଇଥିଲେ। ମାତା ବିଶାଲକ୍ଷ୍ମୀଙ୍କ ଭୂମିକା ଏକଦମ୍ ମା’ ଅନ୍ନପୂର୍ଣ୍ଣାଙ୍କ ଭଳି ଅବିକଳ ଥିଲା। ମାତା ବିଶାଲକ୍ଷ୍ମୀଙ୍କ ମନ୍ଦିରରେ ସମସ୍ତ ପର୍ବପର୍ବାଣୀ ପାଳନ ହେଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ନବରାତ୍ର ପର୍ବ ଅବସରରେ ସ୍ୱତନ୍ତ୍ର ପୂଜାର ଆୟୋଜନ ହୋଇଥାଏ। ଏହି ଦିନ ମନ୍ଦିରକୁ ଫୁଲ ଓ ଆଲୋକ ମାଳାରେ ସୁସଜ୍ଜିତ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନ ଓ ହୃଦୟକୁ ଅପାର ଶାନ୍ତି ପ୍ରଦାନ କରିଥାଏ।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

# ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନ: ୧୯୭୧ ଯୁଦ୍ଧରେ ସାମିଲ ଜିଲ୍ଲାର ବୀର ଯବାନ ହେବେ ସମ୍ମାନିତ

ବାଲେଶ୍ୱର (ପିଏନ୍)-୧୯୭୧ ମସିହାରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତର ଅଭୂତପୂର୍ବ ବିଜୟକୁ ସ୍ମରଣୀୟ କରିବା ପାଇଁ ଚଳିତ ବର୍ଷ ସମଗ୍ର ଦେଶରେ ପାଳନ ହେଉଛି ସ୍ୱର୍ଣ୍ଣିମ ବିଜୟ ବର୍ଷ । ଏହି ଯୁଦ୍ଧରେ ଭାରତ ବିଜୟ ଲାଭ କରିବା ସହିତ ଏକ ସ୍ୱାଧୀନ ଦେଶ ଭାବେ ବାଂଲାଦେଶ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଥିଲା । ଏହି ଯୁଦ୍ଧରେ ସାମିଲ ରାଜ୍ୟର ବୀର ଯବାନମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ମାନିତ କରିବା ପାଇଁ ନିଷ୍ପତି ନିଆଯାଇଛି । ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନ ଅବସରରେ ଏକ ବିଜୟ ମଶାଲ ଶୋଭାଯାତ୍ରା ଦେଶର ବିଭିନ୍ନ ରାଜ୍ୟ ପରିଭ୍ରମଣ କରୁଥିବା ବେଳେ ଗତ ଅକ୍ଟୋବର ୨୦ ତାରିଖରୁ ଏହା ଓଡିଶାର ବିଭିନ୍ନ ଜିଲ୍ଲା ପରିକ୍ରମା ଆରମ୍ଭ କରିଛି । ନଭେମ୍ବର ୭ତାରିଖ ପର୍ଯ୍ୟନ୍ତ ଏହା ଓଡିଶାର ବିଭିନ୍ନ ଅଂଚଳକୁ ଯାତ୍ରା କରିବ । ସେହିପରି ଭୁବନେଶ୍ୱର ସ୍ଥିତ ରାଜଭବନରେ ଅକ୍ଟୋବର ୩୦ତାରିଖ ସାଢେ ୪ଘଟିକା ସମୟରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧୯୭୧ ଯୁଦ୍ଧରେ ସାମିଲ ଓଡିଶାର ବୀର ଯୋଦ୍ଧାମାନେ ରାଜ୍ୟପାଳଙ୍କ ସହ ସାକ୍ଷାତ କରିଥିବା ବେଳେ ଅକ୍ଟୋବର ୩୧ତାରିଖ ଦିନ ୬ଘଟିକା ସମୟରେ ସେମାନେ ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେଠାରେ ବୀର ଯବାନମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବାକୁ ବାଲେଶ୍ୱର ଜିଲ୍ଲାର ୪ ବୀର ଯବାନ ଭୁବନେଶ୍ୱର ଯାତ୍ରା କରିଛନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସେମାନେ ଭୁବନେଶ୍ୱର ଯିବା ଆସିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଡି ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି । ଏହି ୪ ବୀର ଯବାନ ହେଲେ ସହଦେବଖୁଂଟା ଅଂଚଳର ଅବସରପ୍ରାପ୍ତ ମେଜର ଜେନେରାଲ(ଆର୍ମି) ଶ୍ରୀ ଆର.କେ.ସାହୁ, ନୀଳଗିରି ଶ୍ୟାମସୁନ୍ଦରପୁର ଅଂଚଳର ଅବସରପ୍ରାପ୍ତ ହାବିଲଦାର ଶ୍ରୀ ଉମାକାନ୍ତ ମଲ୍ଲିକ, ଦରଖୁଳି ଅଂଚଳର ଅବସରପ୍ରାପ୍ତ ଆର୍ମି ନାୟକ ଶ୍ରୀ ଭାଗିରଥି ପଣ୍ଡା ଓ ମାନସିଂ ବଜାର ଅଂଚଳର ଅବସରପ୍ରାପ୍ତ ଏୟାରଫୋର୍ସର ୱାରେଂଟ ଅଫିସର ଶ୍ରୀ ଅଶ୍ୱିନୀ କୁମାର ବର୍ଦ୍ଧନ ।

# କ୍ଷେତ ମୂଲିଆମାନଙ୍କ ରାଜ୍ୟସ୍ତରୀୟ କନ୍‌ଭେନସନ

ଭୁବନେଶ୍ୱର (ପିଏନ୍)–ଭାରତରେ ମୋଟ କୃଷି ଉତ୍ପାଦନର ୬୦ ଭାଗ ମୂଲିଆମାନେ ଉତ୍ପନ୍ନ କରି ଅର୍ଦ୍ଧାହାର ଓ ଅନାହାରରେ ରହନ୍ତି । ଏଣୁ କୃଷି ଓ କୃଷକଙ୍କ ସହିତ ମୂଲିଆମାନଙ୍କର ବିକାଶ ନ ହେଲେ ଗ୍ରାମୀଣ ଭାରତର ବିକାଶ ସମ୍ଭବ ନୁହେଁ ବୋଲି ଭାରତୀୟ କ୍ଷେତ ମଜଦୁର ୟୁନିୟନର ଜାତୀୟ ନେତାମାନେ ବିକେଏମୟୁର ରାଜ୍ୟ କନଭେନସନରେ ମତ ପ୍ରକାଶ କରିବା ସହିତ ଆସନ୍ତା ନଭେମ୍ବର ୨୬ରୁ ଡିସେମ୍ବର ୬ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଆନ୍ଦୋଳନ ଚାଲୁ ରହିବ ବୋଲି ଘୋଷଣା କରିଛନ୍ତି। ଅଶୋକନଗରର ଭଗବତୀ ଭବନଠାରେ ବିକେଏମ୍ୟୁର ରାଜ୍ୟ ସଭାପତି ଜନ୍ମା ସୁବାସ ଚନ୍ଦ୍ର ରାଓଙ୍କ ଅଧ୍ୟକ୍ଷତାରେ ଭାରତୀୟ କ୍ଷେତ ମଜଦୁର ୟୁନିୟନର ରାଜ୍ୟସ୍ତରୀୟ କନ୍‌ଭେନସନ ଅନୁଷ୍ଠିତ ହୋଇଯାଇଛି। ବିକେଏମୟୁର ରାଜ୍ୟ ସମ୍ପାଦକ ସୁର ଜେନା ପ୍ରାରମ୍ଭିକ ସୂଚନା ଓ ରାଜ୍ୟର କ୍ଷେତମୂଲିଆମାନଙ୍କ ଅବସ୍ଥା ସମ୍ପର୍କରେ ରିପୋର୍ଟ ଉପସ୍ଥାପିତ କରିଥିଲେ। ଏହାପରେ ବିକେଏମୟୁର ସର୍ବଭାରତୀୟ ସଭାପତି ପେରିୟା ସାମୀ, ଜାତୀୟ ସାଧାରଣ ସମ୍ପାଦକ ଗୁଲ୍‌ଜାର ସିଂ ଗୋରିଆ ଏବଂ ପ୍ରଖ୍ୟାତ କ୍ଷେତ ମୂଲିଆ ନେତା ତଥା ପୂର୍ବତନ ସାଂସଦ ନଗେନ୍ଦ୍ର ନାଥ ଓଝା ଉଦ୍‌ବୋଧନ ଦେଇ କହିଲେ– ଗତ ୨୦ ବର୍ଷ ଧରି ସ୍ୱର୍ଣ୍ଣପ୍ରସୂ ଭାରତବର୍ଷରେ କୃଷି କ୍ଷେତ୍ର ଘୋର ସଙ୍କଟ ମଧଦେଇ ଗତି କରୁଛି। ଚାଷ ଆଉ ଲାଭଦାୟକ ପେଷା ହୋଇ ନାହିଁ। ଋଣ ଯନ୍ତାରେ




ପଡ଼ି ପ୍ରତିବର୍ଷ ୩.୫ ଶତାଂଶ ଚାଷୀ ଜମି ହରାଇ ମୂଲିଆ ପାଲଟୁଛନ୍ତି। ଚାଷୀମାନେ ଫସଲର ଲାଭଜନକ ଦର ନ ପାଇବା ଫଳରେ ମୂଲିଆମାନଙ୍କୁ ଉପଯୁକ୍ତ ମଜୁରୀ ଦେଇପାରୁନାହାଁନ୍ତି ଏବଂ କାମଧନ୍ଦା ନ ପାଇ ପ୍ରତିବର୍ଷ ଦେଢ଼କୋଟି ମୂଲିଆ ଦାଦନ ଶ୍ରମିକ ସାଜୁଛନ୍ତି। ବର୍ତ୍ତମାନର ବିଜେପି ସରକାର ଯେଉଁ କଳା କୃଷି ଆଇନ ଆଣିଛନ୍ତି ସେଥିରେ ଚାଷୀ ଓ ମୂଲିଆ ସମସ୍ତେ ସର୍ବସ୍ୱାନ୍ତ ହୋଇଯିବେ। ଏଣୁ ୩ଟି କଳା କୃଷି ଆଇନକୁ ବାତିଲ ସହିତ ଚାଷୀମାନଙ୍କୁ ଫସଲର ଲାଭଜନକ ଦର, ମୂଲିଆମାନଙ୍କ ପାଇଁ କେନ୍ଦ୍ରୀୟ ଆଇନ, ରାଜ୍ୟରେ କଲ୍ୟାଣ ବୋର୍ଡ, ୫୫ ବର୍ଷରେ ୫ ହଜାର ଟଙ୍କା ପେନସନ, ମୂଲିଆମାନଙ୍କ ଦୈନିକ ମଜୁରୀ ୬୦୦ ଟଙ୍କା ସହ ବର୍ଷକୁ ଅତି କମ୍ ୨୦୦ଦିନର କାମ ପାଇଁ ସର୍ବ ଭାରତୀୟ ନେତାମାନେ ଦାବି କରିଥିଲେ। ଏହି କନ୍‌ଭେନସନରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଓ କ୍ଷେତ ମୂଲିଆ ଇନ୍‌ଚାର୍ଜ ଜୟନ୍ତ ଦାସ ଉଦ୍‌ବୋଧନ ଦେଇ କହିଲେ– ଓଡ଼ିଶାରେ ଗତ ୨୫ ବର୍ଷ ମଧ୍ୟରେ ୩୭ଲକ୍ଷ ଏକର ଚାଷଜମି ହ୍ରାସ ପାଇଛି ଏବଂ କାମଧନ୍ଦା ନ ପାଇ ଏ ରାଜ୍ୟରୁ ୩୦ ଲକ୍ଷ ନରନାରୀ ଦାଦନ ଶ୍ରମିକ ଓ କାରଖାନାର ଶ୍ରମିକ ସାଜି ରାଜ୍ୟ ବାହାରକୁ ଚାଲିଯାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କନ୍‌ଭେନସନରେ ବିଭିନ୍ନ ଜିଲ୍ଲାର ପ୍ରତିନିଧି ରଘୁନାଥ ଗୌଡ଼, ବିଦ୍ୟାଧର ବେହେରା, ଜମ୍ୱେଶ୍ୱର ଭୋଇ, ରବି ରଥ, ଶରତ ସ୍ୱାଇଁ, ସର୍ବେଶ୍ୱର ମାର୍ଥା, ଅନାମ ବାରିକ, ତପନ ଶେଠ, ବନମାଳି ବାଇ, ସୁବାସ ସାହୁ, ଗୋପାଳ ଭୋଇ, ଶିଶିର ମଲ୍ଲିକ, ତ୍ରୈଲୋକ୍ୟ ନାଥ ଓ ତ୍ରୈଲୋକ୍ୟ ଜେନା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ପ୍ରତିଷ୍ଠିତ ଧନୁର୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱର୍ଗତ ଧନୁର୍ଜୟ ବିଶ୍ୱାଳଙ୍କ ଧର୍ମପତ୍ନୀ ତଥା ଟ୍ରଷ୍ଟର ଉପାଧକ୍ଷା ଅମ୍ବିକା ବିଶ୍ୱାଳଙ୍କର ୯୫ବର୍ଷ ବୟସରେ ତାଙ୍କ ବସପୁରସ୍ଥିତ ବାସଭବନରେ ବାର୍ଦ୍ଧକ୍ୟ ଜନିତ ରୋଗରେ ଗତ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣିତିଆ ପଞ୍ଚାୟତର ବସପୁର ଗ୍ରାମର ପ୍ରତିଷ୍ଠିତ ଧନୁର୍ଜୟ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ଗରୀବ , ଅସହାୟ, ଦୁଃଖିରଙ୍କ ଓ ଦୀନଦରିଦ୍ରମାନଙ୍କୁ ଖାଦ୍ୟ, ବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ ସହିତ ଗରୀବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପ୍ରତ୍ୟେକ ମାସରେ ସ୍ୱର୍ଗତା ବିଶ୍ୱାଳଙ୍କ ଦ୍ୱାରା ସହାୟତା ପ୍ରଦାନ କରାଯାଇଥାଏ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ତ୍ରିଲୋଚନ, ସୁଦର୍ଶନ, ବୈଲୋଚନ, ସତ୍ୟବାନ ଓ ଭଗବାନ ବିଶ୍ୱାଳ ପ୍ରଭୃତି ୫ପୁଅଙ୍କ ସମେତ, ବୋହୂ, ୩ ଝିଅ, ନାତିନାତୁଣୀ ମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସାରା ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ଡଃ. ସିପ୍ରା ମଲ୍ଲିକ, ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଗ୍ରାମରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ସିଦ୍ଧ ମରିଚାଣୀ ବିଦ୍ୟାପୀଠର ପରିଚାଳନା କମିଟି ଗଠନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡାସ୍ଥିତ ସିଦ୍ଧ ମରିଚାଣୀ ନୋଡାଲ ବିଦ୍ୟାପୀଠର ପରିଚାଳନା କମିଟି ପୁନର୍ଗଠିତ ହୋଇଛି। ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ସଭାରେ ପରିଚାଳନା କମିଟିର ସଭାପତି ଭାବେ ଚିତ୍ତରଞ୍ଜନ ସାମଲ, ଉପସଭାପତି ଭାବେ ହେମଲତା ପରିଡାଙ୍କୁ ମନୋନିତ କରାଯାଇଛି। ନୂତନ କମିଟିର କାର୍ଯ୍ୟକାଳ ୩ବର୍ଷ ରହିବ। ସମସ୍ତ ସଦସ୍ୟମାନଙ୍କୁ ବିଦ୍ୟାପୀଠ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଦ୍ୟାପୀଠ ପରିସରରେ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ କିସମର ବୃକ୍ଷର ଚାରା ରୋପଣ କରାଯାଇଥିଲା। ପରିବେଶବିତ ତଥା ମହାକାଳପଡା ବିକାଶ ମଞ୍ଚର ସଭାପତି କାଶୀନାଥ ରାଉତରାୟଙ୍କ ସୌଜନ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶ୍ରୀ ନାୟକଙ୍କ ସମେତ ବିଦ୍ୟାପୀଠର ପ୍ରତିଷ୍ଠାତା ସଭ୍ୟ ଭଜକୃଷ୍ଣ ରାଉତ, ମୋ ସ୍କୁଲ ଅଭିଯାନ ସଭାପତି ଅକ୍ଷୟ କୁମାର ପାଣି, ଶିକ୍ଷକ ଉମାକାନ୍ତ କର, ଧିରେନ ପରିଡା, ସରୋଜିନୀ ମିଶ୍ର, ବିଜୟଲକ୍ଷ୍ମୀ ବେହେରା, ସ୍ୱର୍ଣ୍ଣଲତା ରାଉତ, ମଧୁସ୍ମିତା ସାହୁ, ଅନ୍ନପୂର୍ଣ୍ଣା ସାମଲ, ସସ୍ମିତା ପ୍ରଧାନ, ମାନସୀ ମହାନ୍ତି, ଜ୍ଞାନରଞ୍ଜନ ବାରିକ, ପରିଚାଳନା କମିଟି ସଭ୍ୟ ପ୍ରଫୁଲ୍ଲ ସ୍ୱାଇଁ, ବିଚିତ୍ର ବାରିକ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

# କେନ୍ଦ୍ରାପଡାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




କେନ୍ଦ୍ରାପଡ଼ା (ପିଏନ୍): ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହ ପରିସରରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବାତ୍ୟ, ବନ୍ୟା, ସୁନାମୀ ଭଳି ପ୍ରକୃତିକ ବିପର୍ଯ୍ୟୟର ଭୟାବହତା, ତୀବ୍ରତା ତଥା କ୍ଷୟକ୍ଷତିକୁ ଜନସାଧାରଣ ତଥା ସର୍ବୋପରି ସ୍ୱେଚ୍ଛାସେବୀମାନଙ୍କ ମଧରେ ଉତ୍ତମ ଯୋଗାଯୋଗ ଓ ସୁପରିଚାଳନା କରିପାରିଲେ ଆମେ ଏହାର ସଫଳ ମୁକାବିଲା କରିପାରିବା ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଫନି, ହୁଡୁହୁଡୁ, ତିତିଲି ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିକା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍କୁଲ ଓ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଉଥିବା ଜନସାଧାରଣ ଓ କ୍ଷୟକ୍ଷତିରେ ପିଡିତ ଲୋକମାନଙ୍କୁ ବାତ୍ୟା ସମୟ ଓ ପରେ ମାଗଣା ଭୋଜନ, ସ୍ୱସ୍ଥ୍ୟସେବା ସହ ବିଜୁଳି ଯୋଗାଣ ପାଇଁ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଆଶ୍ରୟସ୍ଥଳୀର ସୁପରିଚାଳନା ନିମନ୍ତେ ନୋଡାଲ ଅଫିସର, ସ୍ଥାନୀୟ ଶିକ୍ଷକ, ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀମାନଙ୍କୁ ଶୂନ୍ୟ ମୃତ୍ୟୁହାର ନିମନ୍ତେ ନିୟୋଜନର ଆବଶ୍ୟକତା ରହିଛି । ଜରୁରୀକାଳୀନ ଅଧିକାରୀ ସମ୍ପିତ ଶତପଥୀ ସ୍ୱାଗତ ଅଭିଭାଷଣ ଓ ଦିବସ ପାଳନର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଜିଲ୍ଲାରେ ୧୧୭ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଥିବା ବେଳେ ୧୯ଟି ନିର୍ମାଣଧୀନ ଅଛି ବୋଲି ଶ୍ରୀ ଶତପଥି ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଦୁର୍ଗାପ୍ରସାଦ ମହାରଣା ବାତ୍ୟା ପରିଚାଳନା ସମ୍ପର୍କରେ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ । ବୈଠକରେ ଉପସ୍ଥିତ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅନିତା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ସଚିଦାନନ୍ଦ ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ଦାସ, ସଂସ୍ଥା ଅଧିକାରୀ ରାଜେନ୍ଦ୍ର କୁମାର ଆଚାର୍ଯ୍ୟ, ଜିଲ୍ଲା ସଂସ୍କୃତି ଅଧିକାରୀ ତନ୍ମୟ କୁମାର ଜେନା ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀ, ଜରୁରୀକାଳୀନ ବିଭାଗର କର୍ମଚାରୀ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରାରମ୍ଭରେ ଜିଲ୍ଲାପାଳ ଶପଥ ପାଠ କରାଇଥିଲେ । ସମସ୍ତେ ନିଜର ଶକ୍ତି ଓ ସାମର୍ଥ୍ୟ ଅନୁସାରେ କାର୍ଯ୍ୟ କରିବା ସହ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ କାର୍ଯ୍ୟରତ କର୍ମଚାରୀ, ବ୍ୟକ୍ତି ବିଶେଷ, ଅନୁଷ୍ଠାନ ଓ ସହଯୋଗୀ ଦଳମାନଙ୍କୁ ସାହାଯ୍ୟ କରିବେ ବୋଲି ଶପଥ ପାଠ କରିଥିଲେ । ଓଏସ୍‌ଡିଏମ୍ଏ ଦ୍ୱାରା ପ୍ରସ୍ତୁତ ଫନି ବାତ୍ୟାର ଭିଡିଓ ପ୍ରଦର୍ଶନ କରାଯାଇ ବିପର୍ଯ୍ୟୟ, କ୍ଷୟକ୍ଷତି ଓ ତୀବ୍ରତା ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା । ଶେଷରେ ଜରୁରୀକାଳୀନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କାଠ ବୋଝେଇ ଟ୍ରାକ୍ଟରରୁ ଖସି ଶ୍ରମିକ ମୃତ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ କାଏମା-ଶାନ୍ତିବଜାର ରାସ୍ତାର ଅଚ୍ୟୁତପୁର ଛକ କଙ୍କିଆ ପୋଲ ନିକଟରେ ଏକ କାଠ ବୋଝେଇ ଟ୍ରାକ୍ଟରରୁ ଖସିପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବ୍ରହ୍ମବରଦା ଫାଣ୍ଡି ଅଧୀନ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ସଂଜୟ ମଲିକ(୩୦) । ପ୍ରକାଶ ଯେ, ବ୍ରହ୍ମବରଦା ଅଞ୍ଚଳରୁ ଏକ ଟ୍ରାକ୍ଟର(ଓଡି୦୪ଏଲ୍-୨୫୬୪/୬୫)ରେ କାଠ ବୋଝେଇ ହୋଇ ଜାରକାରେ ଥିବା ଏକ ସ’ମିଲ୍‌କୁ ଯାଉଥିଲା । ଚାଳକ କାକୁଡିକୁଦ ଗ୍ରାମର ଟୁଲିଆ ମଲିକ ଟ୍ରାକ୍ଟର ଚଲାଉଥିବା ବେଳେ ତାଙ୍କ ପାର୍ଶ୍ୱରେ ସଂଜୟ ବସିଥିଲେ । ତେବେ ଟ୍ରାକ୍ଟରଟି ଦ୍ରୁତଗତିରେ ଯାଉଥିବାରୁ ସମ୍ଭବତଃ ସଂଜୟ ଭାରସାମ୍ୟ ହରାଇ ତଳକୁ ଖସି ପଡିଛନ୍ତି । ଏହି ସମୟରେ ଟ୍ରାକ୍ଟର ଡାଲାର ପଛଚକ ତାଙ୍କ ଛାତି ଉପରେ ଚଢ଼ି ଯାଇଥିଲା । ଫଳରେ ଘଟଣାସ୍ଥଳରେ ସଂଜୟଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ଟ୍ରାକ୍ଟର ଚାଳକ ଟିଲୁଆ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ନିକଟରେ ଥିବା ଲୋକମାନେ ତାଙ୍କୁ କାବୁ କରି ନେଇଥିଲେ । ତେବେ ସଂଜୟ ଛେପ ପକାଉଥିବା ବେଳେ ଟ୍ରାକ୍ଟରରୁ ଖସି ପଡିଲେ ବୋଲି ଟିଲୁଆ ସଫେଇ ଦେଇଛନ୍ତି । ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ ଅଧ ଘଣ୍ଟାଏ ପର୍ଯ୍ୟନ୍ତ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବରପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହିତ ଗାଡି ଚଳାଚଳ ସ୍ୱାଭାବିକ କରାଇଥିଲା । ଶବ ବ୍ୟବଛେଦ ନିମନ୍ତେ ମୃତଦେହକୁ ବଡଚଣା ଡାକ୍ତରଖାନାକୁ ପଠାଇ ପୁଲିସ୍ ଏକ ମକଦ୍ଦମା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ନିମ୍ନମାନର ଖାଦ୍ୟ ପ୍ରଦାନ ଅଭିଯୋଗରେ କେନ୍ଦ୍ରାପଡା ବ୍ଲକ ମିଶନଶକ୍ତି କାଫେକୁ ନୋଟିସ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପ୍ରାୟ ୬ମାସ ପୂର୍ବେ ଜୟ ମା’ ତାରିଣୀ ଏସଏଚଜି ଦ୍ୱାରା ପରିଚାଳିତ ଏକ ମିଶନଶକ୍ତି କାଫେ ଖୋଲିଥିଲା। ସଂପୂର୍ଣ୍ଣ ଭାବେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ଏହି କାଫେରେ ଗ୍ରାହକଙ୍କୁ ନିମ୍ନମାନର ଖାଦ୍ୟ ପ୍ରଦାନ, ଗ୍ରାହକଙ୍କୁ ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ କରା ନ ଯିବା, ଆଧାର କେନ୍ଦ୍ରକୁ ଆସୁଥିବା ଲୋକଙ୍କଠାରୁ ଟିକଟ ବାବଦକୁ ୧୦ଟଙ୍କା ଆଦାୟ କରାଯିବା ନେଇ କେନ୍ଦ୍ରାପଡା ବିଡିଓ ଅଶ୍ୱିନୀ କୁମାର ଦାସଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାବ୍ୟତିତ ବ୍ଲକରୁ ଭଡା ନେଇ କାଫେ ଚଳାଉଥିବା ସଂପୃକ୍ତ ମହିଳା ସ୍ୱୟଂସହାୟିକା ଗୋଷ୍ଠି ସେହି ଗୃହର ଭଡା ମଧ୍ୟ ଅଦ୍ୟାବଧି ପ୍ରଦାନ କରିନାହିଁ। ତେଣୁ ବ୍ଲକ ପକ୍ଷରୁ ଏ ସମ୍ପର୍କରେ ସେହି ଗୋଷ୍ଠିକୁ ନୋଟିସ ପ୍ରଦାନ କରି ଜଣାଇ ଦିଆଯାଇଛି ଯେ ଏକମାସ ପର୍ଯ୍ୟନ୍ତ ସଂପୃକ୍ତ ଏସଏଚଜିର ସମସ୍ତ କାର୍ଯ୍ୟକଳାପ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ପର୍ଯ୍ୟବେକ୍ଷଣ କରାଯିବ। ଯଦି କୌଣସି ପରିବର୍ତ୍ତନ ଉପଲବ୍ଧ ନହୁଏ ତେବେ ନିୟମ ଅନୁଯାୟୀ ସେହି ମିଶନଶକ୍ତି କାଫେର ସୁପରିଚାଳନା ପାଇଁ ଅନ୍ୟ ଏସଏଚଜିଙ୍କୁ ପ୍ରଦାନ କରାଯିବ।

# ଇନଭେନଟ୍ରୀ କରାଯାଇ ଗୁଳନଗର ପଞ୍ଚାୟତର ନୂତନ ପିଇଓଙ୍କୁ ଦାୟିତ୍ୱ ହସ୍ତାନ୍ତର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଳନଗର ପଞ୍ଚାୟତର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଆଲୋକ କୁମାର ଦଳାଇ ଭଡା ଅର୍ଥ ତୋଷରପାତ ଅଭିଯୋଗରେ ଗିରଫ ହୋଇ ଜେଲରେ ଅଛନ୍ତି। ବ୍ଲକ ପକ୍ଷରୁ ସେହି ପଞ୍ଚାୟତରେ ମାନସ କୁମାର ଜେନାଙ୍କୁ ନୂତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଛି। କିନ୍ତୁ ପୂର୍ବତନ ପିଇଓ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ତେଣୁ ସେହି ପଞ୍ଚାୟତର ଦୈନନ୍ଦିନ କାର୍ଯ୍ୟରେ ବାଧା ଉପୁଜିବାରୁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୁଳନଗର ପଞ୍ଚାୟତ କାର୍ଯ୍ୟାଳୟରେ ଇନଭେନଟ୍ରୀ କରାଯାଇ ୨ଟି ଆଲମୀରାରେ ଥିବା ପଞ୍ଚାୟତର ସମସ୍ତ ରେକର୍ଡପତ୍ର ତନଖି ପୂର୍ବକ ନୂତନ ପିଇଓ ଶ୍ରୀ ଜେନାଙ୍କୁ ହସ୍ତାନ୍ତର କରାଯାଇଛି। ମ୍ୟାଜିଷ୍ଟ୍ରେଟ ତଥା ଡେରାବିଶର ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଇନଭେନଟ୍ରୀ କରାଯାଇ ନୂତନ ପିଇଓଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ପଞ୍ଚାୟତର ଜିଆରଏସ ଜିତେନ୍ଦ୍ର ମହାପାତ୍ର, କ୍ଷଣପ୍ରଭା ରାଉତ, ସରପଞ୍ଚ ପିତବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକଙ୍କ ବଦଳି ବାତିଲ୍ ପାଇଁ ଦାବିପତ୍ର



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଖର ପଞ୍ଚାୟତ ଖୁଣ୍ଟା ବାଜବାଟି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ହରମୋହନ ଧଳଙ୍କ ଅନ୍ୟତ୍ର ବଦଳି ହୋଇଛି । ତେବେ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ କ୍ଷେତ୍ରରେ ଶ୍ରୀ ଧଳଙ୍କ ଯଥେଷ୍ଟ ଅବଦାନ ଥିବାରୁ ତାଙ୍କ ବଦଳିକୁ ବାତିଲ କରିବା ପାଇଁ ସ୍କୁଲ ଏସ୍‌ଏମ୍‌ସି, ପିଟିଏ ସଭ୍ୟସଭ୍ୟା ଓ ଅଭିଭାବକମାନେ ଦାବି କରିଛନ୍ତି । ପ୍ରକାଶ ଯେ, ବିଇଓଙ୍କ ପତ୍ର ସଂଖ୍ୟା-୧୬୪୫/୯.୧୦.୨୧ ଅନୁସାରେ ଏହି ବିଦ୍ୟାଳୟର ୨ଜଣ ଶିକ୍ଷକଙ୍କ ପଦୋନ୍ନତି ହୋଇଥିବା ବେଳେ ଶ୍ରୀ ଧଳଙ୍କ ନାନପୁର ସ୍କୁଲକୁ ବଦଳି ହୋଇଛି । ଏ ସଂପର୍କରେ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନିକଟରୁ ଜାଣିବା ପରେ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ସଂପର୍କରେ ଏସ୍‌ଏମ୍‌ସି ସଭାପତି ସୁଦର୍ଶନ ବେହେରା, ବଳରାମ ଦାସ ପ୍ରମୁଖ ବିଇଓ ନିକୁଂଜବିହାରୀ ମହାନ୍ତିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।




# ବାଳ ଶ୍ରମିକ



ପ୍ରସେନଜିତ୍ ସେଠୀ

ରାମ ବାବୁ ବହୁତ୍ ଶିଶୁ ପ୍ରିୟ। ଶିଶୁଟିଏ ଦେଖିଲେ ତାଙ୍କ ମନରେ ଗୋଟେ ଅହେତୁକ ଆପଣାର ପଣ ଜାଗ୍ରତ ହୁଏ। ଶିଶୁଟି ପୁଅ ହେଉ କି ଝିଅ; ଧନୀ ଘରର ହେଉ କି ଗରିବ ଘରର; କାଳିଆ ଭୁସୁଣ୍ଡା ଟାଏ ହେଉ କି ଧୋବ ଫରଫର; ଅତି ବାଲୁଙ୍ଗା ଟାଏ ହେଉ କି ପୁରା ଶାନ୍ତ ଶିଷ୍ଟ ଅବା ପୁରା ସଫା ସୁତୁରା ହେଉ କି ସମ୍ପୂର୍ଣ୍ଣ କଦର୍ଯ୍ୟ। ସବୁ ପ୍ରକାର ଶିଶୁଙ୍କ ପ୍ରତି ରାମବାବୁଙ୍କ ରହିଛି ଅମାପ ପ୍ରେମ। ରାମ ବାବୁ ତାଙ୍କ ଅଫିସ୍ ର ମୁଖିଆ। ଅଫିସ୍ ର କାର୍ଯ୍ୟବ୍ୟସ୍ତତା ଭିତରେ ଖାଲି ସମୟ ମିଳିଲେ ନିଜ ରୋଷେୟାର ଓ ପାଖ ପଡିଶାର ଛୋଟ ଛୋଟ ପିଲାଙ୍କ ସହିତ ବିତାନ୍ତି। ପାଖରେ ଯାହା ଥାଏ, ସେମାନଙ୍କୁ ଖାଇବାକୁ ଦିଅନ୍ତି। ସେମାନଙ୍କୁ ନିଜ ରୁମ୍ ରେ ବସାଇ ଟିଭିରେ କାର୍ଟୁନ୍ ଦେଖାନ୍ତି। ପିଲାମାନେ ବି ତାଙ୍କୁ ବହୁତ୍ ଭଲ ପାଆନ୍ତି। ତାଙ୍କୁ ଦେଖିଲେ ତାଙ୍କ ଆଡ଼କୁ ଦଉଡ଼ି ଆସନ୍ତି। ଅଙ୍କଲ୍ ଅଙ୍କଲ୍ କହି ତାଙ୍କୁ ଡାକ ପକାନ୍ତି। ରାମ ବାବୁଙ୍କର କି ଆନନ୍ଦ ସେଥିରେ!! ହେଲେ ଆଜି ରାମ ବାବୁଙ୍କ ମନ ଭାରି ଖରାପ୍। ଆଜି ରବିବାର ମାନେ ଛୁଟି। ନିଜ ଘରଠୁଁ ଅନେକ ଦୂରରେ ସେ ଚାକିରି କରୁଛନ୍ତି। ସେ ବି ଅବିବାହିତ।

ତେଣୁ ପାଖରେ କେହି ନାହାନ୍ତି ସମୟ ବିତାଇବା ପାଇଁ। ଜାଗାଟା ବି ଅତି ମଫସଲ ଜାଗା। ନା ପାର୍କ ଅଛି, ନା ସିନେମା ହଲ୍। ନା ଅଛି କୋଉ ଭଲ ରେଷ୍ଟୁରାଣ୍ଟ ଗୋଟେ। ଭଲ କଥା ତ ଛାଡ। ସତ କହିବାକୁ ଗଲେ ଗୋଟେ ବି ରେଷ୍ଟୁରାଣ୍ଟ ନାହିଁ। ଏମିତିଆ ଜାଗାରେ ସମୟ ବିତାଇବା ନିହାତି କଷ୍ଟକର ବ୍ୟାପାର। ମୋବାଇଲର ଲକ୍ ବଟନ୍ ଟାକୁ ମଝିରେ ମଝିରେ କ୍ଲିକ୍ କରୁଥାନ୍ତି ରାମ ବାବୁ, କାଳେ ଫୋର୍ ଜି ଆସି ଯିବଣି। କି ବେକାର ଅଞ୍ଚଳ

ଟା କେଜାଣି!! କିଛି ଗୋଟେ ମାଧ୍ୟମ ନାହିଁ ସମୟ ଅତିକ୍ରାନ୍ତ କରିବାକୁ। ଯାହା ବି ଇଣ୍ଟରନେଟ ଟିକିଏ ବ୍ୟବହାର କରନ୍ତି, ସେତିକ ବି ବନ୍ଦ୍ ହେଇ ଯାଇଛି କାଲି ରାତିରୁ। ଏ ଟେଲିକମ କମ୍ପାନୀ ଗୁଡ଼ାକ ପଇସା ନେଉଛନ୍ତି ସତ, ହେଲେ ନେଟୱ୍ୱର୍କ ଦେବା କଥା କିଏ ବୁଝେ। ଟିଭି ଟାଏ ଅଛି। ଦେଖିଲେ ହୁଅନ୍ତା ଯେ, ହେଲେ ରାମବାବୁଙ୍କୁ ଟିଭି ଦେଖିବା ଏତେ ପସନ୍ଦ ନୁହେଁ। ସକାଳେ, ସଞ୍ଜେ ଯାହା ଟିକେ ନ୍ୟୁଜ୍ ଦେଖନ୍ତି। ଛୋଟ ଛୁଆଙ୍କ ସହିତ ହସ ମଜା କରିବା, ତାଙ୍କର ବେଶୀ ପସନ୍ଦ। ହେଲେ ଆଜି କାହାର ବି ଦେଖା ନାହିଁ। ଛୁଆ ଗୁଡ଼ାକ ଗଲେ କୁଆଡେ। ପାଠଶାଠ ତ ନାହିଁ। ତାହେଲେ କାହିଁ ଆସି ନାହାନ୍ତି!! ରାମ ବାବୁ ଡାକ ପକେଇଲେ ରୋଷେୟାକୁ। ପଚାରିଲେ ଛୁଆଗୁଡ଼ାକ ଗଲେ କୁଆଡେ। ସେ ପ୍ରଥମେ କିଛି ଭାବିଲା, ପୁଣି କହିଲା ଜାଣିନି। ତା ମୁହଁରୁ ସେ ମିଛ କହୁଛି ବୋଲି ସ୍ପଷ୍ଟ ବାରି ହୋଇ ଯାଉଥିଲା। ତଥାପି ରାମ ବାବୁ ତାକୁ କିଛି କହିଲେ

ନାହିଁ। ଏକା ଏକା ବସି, ତାଙ୍କୁ ଅତି ବିରକ୍ତ ଲାଗୁଥିଲା। ତେଣୁ ବାହାରିଗଲେ ବଜାର ଆଡ଼େ। ବଜାର ପହଞ୍ଚି, ତାଙ୍କ ନଜର ପଡ଼ିଲା, ସରପଞ୍ଚର ଘର ଉପରେ। ମଫସଲ ଅଞ୍ଚଳରେ ତ ସରପଞ୍ଚର ମୁଖ୍ୟମନ୍ତ୍ରୀ ପାହ୍ୟା। ସବୁଥିରେ ସେ ମାମଲତକାର। ପିଲାଠାରୁ ବୁଢା ଯାଏଁ ସବୁ ତା ଆଦେଶ ମାନିବାକୁ ବାଧ୍ୟ। ଯଦି ନ ମାନିବେ, ତାହେଲେ ଭତ୍ତାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧା ସୁଯୋଗ ଭୁଲିଯିବା ସାର ହେବ। ରାମବାବୁ ଦେଖୁଥାନ୍ତି, ବାନର ସେନା ଲଙ୍କାକୁ ପଥର ବନ୍ଧ ବାନ୍ଧିଲା ପରି, ତାଙ୍କର ଅତି ପରିଚିତ, ଅତି ଆପଣାର କୁନି ହାତଗୁଡ଼ାକ, ସରପଞ୍ଚ ଛାତ ଉପରକୁ ଇଟା ବୋହିବାରେ ବ୍ୟସ୍ତ ଥାଆନ୍ତି!! ହୃଦୟଟା କଣ ହେଇ ଯାଉଥିଲା ରାମ ବାବୁଙ୍କର। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଏଭଳି ପରିସ୍ଥିତି ଆମ ଦେଶରେ ଅଛି ଦେଖି ରାମ ବାବୁଙ୍କୁ ଅତ୍ୟନ୍ତ ବ୍ୟଥିତ ଲାଗୁଥିଲା, ହେଲେ ପ୍ରତିବାଦ କରିବାର କୌଣସି ଚାରା ନଥିଲା ତାଙ୍କ ପାଖରେ!!

ବାଲିଆ ଗୋପୀନାଥପୁର
ଜଗତସିଂହପୁର
ଫୋନ୍- ୮୦୧୮୪୦୪୯୭୨

# ପାହାଡର ଲୁହ ? ?

ଦୁଷ୍ମନ୍ତ ବେହେରା

ପଗ୍ରାମଟିର ନାମ ଗଡ଼ପଶି । ଗଡ଼ପଶି ଗ୍ରାମରେ ଦୁଇଶହରୁ ଦୁଇଶହ ପଚାଶ ପରିବାର ରହିଛି । ଆଦିବାସୀ ପାହାଡିଆ ଅଞ୍ଚଳ । ପାହାଡ ଦୁର୍ଗମ ଅଞ୍ଚଳରେ କେହି ବି ପାଠପଢି ନାହାନ୍ତି। ସେହି ଗ୍ରାମର ଲୋକମାନେ ପାଠ ବୋଲି କ'ଣ ଜାଣନ୍ତି ନାହିଁ । ସେହି ଗ୍ରାମରେ ଝରିଆ କୁଡ଼ର ପରିବାର ବାସ କରନ୍ତି । ଝରିଆ କୁଡ଼ର ଝିଅ ହେଉଛି ମୁନି । ଗଡ଼ପଶି ଜଙ୍ଗଲକୁ ମୁନି ସବୁଦିନ ଛେଳି ଚରାଇବାକୁ ଯାଏ । ଜଙ୍ଗଲ, ପାହାଡ଼, ବୃକ୍ଷ, ଜୀବଜନ୍ତୁ ଓ ପକ୍ଷୀମାନେ ମୁନିର ବାଟ ଚାହିଁ ବସନ୍ତି । ପସବୁଦିନ ପରି ମୁନି ଜଙ୍ଗଲରେ ପହଞ୍ଚିଲା ବେଳେ କହେ, ନ୍ତପାହାଡ଼ ବନ୍ଧୁ ମୁଁ ଆସିଗଲି, ଗଛ ବନ୍ଧୁ ମୁଁ ଆସିଗଲି, ଜୀବଜନ୍ତୁ ବନ୍ଧୁ ମୁଁ ଆସିଗଲି ।ନ୍ତ ମୁନିର ସୁମଧୁର ସ୍ୱର ପାହାଡ଼ରେ ଗୁଞ୍ଜରିତ ହେଲା । ପାହାଡର ଗୋଟିଏ ବଡ଼ ପଥର ଉପରେ ବସି କେତେ କ'ଣ ତା ଜୀବନର ଦୁଃଖସୁଖ କହିଯାଏ । ଏମିତି ଏକ ଭଲ ପାଇବାରେ ମୁନି ଏବଂ ପାହାଡର ବନ୍ଧୁତା ସୃଷ୍ଟି ହୁଏ । ପମୁନିର ବାପା ରୋଜଗାର ଆଶାରେ ସହରକୁ ଯାଆନ୍ତି । ସେଠାରେ ପହଞ୍ଚି କାମରେ ଲାଗିଯାଆନ୍ତି । ଦିନେ ଦୁଇଦିନ ଗଲାପରେ ସେ ଦେଖିଲେ ପିଲାମାନେ ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ଯାଉଛନ୍ତି । ମୁନିର ବାପା ଝରିଆ କୁଡ଼ ଗାଁକୁ ଆସି ମୁନିକୁ କହିଲେ , ନ୍ତ ତୁ ପାଠ ପଢ଼ିବୁ ।ନ୍ତ ପମୁନି ଏହି କଥା ଶୁଣି ନାଚିବାକୁ ଲାଗିଲା । ନାଚ ସାରି କହିଲା, ନ୍ତବା ଲୋ ପାଠ କଣ ଲୋ ।ନ୍ତ ଗାଁରେ ଗୈଡି ଗୈଡି ସବୁ ଲୋକଙ୍କୁ କହିଲା, ନ୍ତ ମୁଁ ପାଠ ପଢ଼ିବିରେ, ମୁଁ ପାଠ ପଢିବିରେ ।ନ୍ତ ଗାଁର ଲୋକମାନେ ମୁନିର କଥା ଶୁଣି ପଚାରିଲେ , ନ୍ତପାଠ କଣ ଲୋ । ମୋ ବା କହିଲା, ସହରକୁ ଯାଇ ପାଠ ପଢିବି । ପମୁନି ସହରକୁ ଗଲା । ଦୁଇ ଦିନ ପରେ ବିଦ୍ୟାଳୟରେ ତାର ନାମ ଲେଖା ହେଲା । ଯେଉଁଦିନ

ବିଦ୍ୟାଳୟରେ ମୁନିର ନାମ ଲେଖା ହେଲା , ସେହିଦିନ ମୁନିର ଜେଜେମା ପୋଇ କୁଡ଼ ଆର ପାରିକୁ ଚାଲିଗଲେ । ଗଡ଼ପଶି ଗାଁର ଲୋକମାନେ ମୁନିର ପାଠ ପଢିବା ଶୁଣି କହିଲେ, ନ୍ତପାଠ କଣ ଲୋ, ପାଠ ପଢିଲେ କଣ ଲୋକ ମରିଯାଆନ୍ତି । ପମୁନି ପନ୍ଦର ଦିନ ପାଠ ପଢ଼ି ପୁଣି ଗାଁ କୁ ଫେରିଆସିଲା ଦେଖିଲା ଯେ ତାର ଜେଜେମା ଆଉ ଏହି ଦୁନିଆରେ ନାହାଁନ୍ତି । ସେ ବହୁତ କାନ୍ଦିଲା । ଲୋକମାନେ ମୁନିକୁ କହିଲେ, ନ୍ତଦେଖ ଲୋ ଇଏ ପାଠ ପଢ଼ିବାକୁ ଗଲା ଯେ ତାର ଜେଜେମା' କୁ ମରଣ ମୁହଁକୁ ଠେଲିଦେଲା । ଏହି କଥା ଶୁଣି ମୁନି ମନରେ ବହୁତ କଷ୍ଟ ହେଲା । ସେ ଆଉ ସହରକୁ ପାଠ ପଢ଼ିବାକୁ ଗଲା ନାହିଁ । ପସହରରୁ ବଡ଼ ବଡ଼ ବାବୁମାନେ ମୁନିର ଗାଁରେ ପହଞ୍ଚିଲେ । ଗାଁ ଦାଣ୍ଡରେ ଗାଡ଼ି ଯାଉଥିବାରୁ ଦେଖି ଗାଁର ପିଲାମାନେ ଗାଡ଼ି ପଛରେ ଗୈଡ଼ିବାକୁ ଲାଗିଲେ । ବାବୁମାନେ ମୁନିର ଘରେ ପହଞ୍ଚିଲେ । ମୁନି ବାବୁମାନଙ୍କୁ ଦେଖି ଜୁହାର କଲା ।ବାବୁମାନେ ମୁନିକୁ ପଚାରିଲେ , ନ୍ତତୁମେ କାହିଁକି ପାଠ ପଢ଼ିଲ ନାହିଁ । ଗାଁକୁ ଚାଲିଆସିଲ । ମୁନି କହିଲା, ନ୍ତଗାଁ ମୋତେ ଭାରି ଭଲ ଲାଗେ । ଗାଁର ସାଙ୍ଗସାଥୀ , ପାହାଡ, ଜଙ୍ଗଲ ଓ ଝରଣା ମତେ ବହୁତ ଭଲ ଲାଗେ। ପଶୁପକ୍ଷୀ ମଧ୍ୟ ମୋତେ ବହୁତ ଭଲ ଲାଗନ୍ତି । କାହିଁ ମୋର ସାଙ୍ଗମାନେ ପାଠ ପଢ଼ନ୍ତି ନାହିଁ ତ । ପବାବୁମାନେ ସ୍ଥିର କଲେ ଗଡ଼ପଶି ଗାଁରେ ବିଦ୍ୟାଳୟଟିଏ ତିଆରି କରିବା ପାଇଁ । ଗାଁର ମୁଖିଆ ଦୁଡ଼ ମାଝୀ ଗାଁର ଲୋକମାନଙ୍କୁ ଡାକିଲେ । ଗାଁରେ

ଗୋଟିଏ ସଭା ଅନୁଷ୍ଠିତ ହେଲା ।ପ ପସଭାରେ ବାବୁମାନେ କହିଲେ , ନ୍ତତୁମ ଗ୍ରାମରେ ଗୋଟିଏ ବିଦ୍ୟାଳୟ ହେବ । ଗାଁର ଲୋକମାନେ ବିଦ୍ୟାଳୟ କଥା ଶୁଣି କହିଲେ, ନ୍ତବିଦ୍ୟାଳୟ କଣ ଲୋ ।ପ ପବାବୁମାନେ କହିଲେ, ନ୍ତବିଦ୍ୟାଳୟରେପପପାଠ ପଢିବେ, ଶିକ୍ଷା ପାଇବେ । ଗଡ଼ପଶିର ଲୋକ ଏହା ଶୁଣି କହିଲେ, ନ୍ତତୁମ ପିଲାମାନେ ମଣିଷ ହେବେ ।ସେମାନେ ପାଠ ପଢି ଶିକ୍ଷିତ ହେବେ । ଶେଷରେ ଗାଁ ମୁଖିଆ ଗ୍ରାମରେ ବିଦ୍ୟାଳୟ ପ୍ରତିଷ୍ଠା ହେଉ ବୋଲି ସ୍ଥିର କଲେ । ବାବୁମାନେ ଗଡ଼ପଶି ଜଙ୍ଗଲରପାହାଡ଼ ଉପରେ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସ୍ଥାନ ଠିକ କଲେ ଓ ମାପଚୁପ କରିନେଲେ । ଚାହୁଁ ଚାହୁଁ ଗଛ ସବୁ କଟା ହେଲା । ପକ୍ଷୀମାନେ ବାସହରା ହେଲେ । ଜୀବଜନ୍ତୁମାନେ ଏଣେତେଣେ ଧାଇଁବାକୁ ଲାଗିଲେ । ବଡ଼ ବଡ଼ ଡ୍ରୋଜର ଗାଡ଼ି ପହଞ୍ଚିଲା ।ପାହାଡ ଖୋଳା ହେଲା । ପାହାଡ଼ରୁ ପଥର ବାହାର କରାଗଲା । ଚାହୁଁ ଚାହୁଁ ଜଙ୍ଗଲ, ପାହାଡ ଧ୍ୱଂସ ହୋଇଗଲା । ତା' ଉପରେ ବିଦ୍ୟାଳୟ ଗଢ଼ା ହେଲା ।ପମୁନି ପାହଡ଼କୁ ଛେଳି ଚରାଇବାକୁ ଗଲା । ଦେଖିଲା ଗଛ ନାହିଁ, ପଶୁ, ପକ୍ଷୀ କେହି ନାହାନ୍ତି । ପାହଡ଼କୁ କହିଲା, ନ୍ତପାହାଡ ବନ୍ଧୁ ତୁମର ଇଏ କି ଦଶା । ମୋ ବନ୍ଧୁ, ମୋ ବନ୍ଧୁ ! ମୋ ପଥର କାହିଁ । ମୋ ପଥର କାହିଁ କହି ମୁନିର ଆଖିରୁ ଲୁହ ଧାର ଧାର ବୋହିଗଲା । ମୁନିର ମନ କଥା ଶୁଣି ପାହାଡର ଲୁହ ବୋହିବାରେ ଲାଗିଲା। ପାହାଡ କାଳ କାଳ ହୋଇ କହିଲା, ନ୍ତଏଇ ଯେଉଁ ବଡ଼ ଶିକ୍ଷିତ ବାବୁମାନେ ମୋର ଏହି ଅବସ୍ଥା କରିଛନ୍ତି । ମୁଁ ଅସୁନ୍ଦର ହୋଇଗଲି । କେହି ମୋତେ ଆଡ଼ ଆଖିରେ ଚାହିଁଲେ

ନାହିଁ । ମୋର ଉପହାସ କରିବାକୁ ଲାଗିଲେ । ପମୁନି ଆଖି ଛଳ ଛଳ କରି ଘରକୁ ଆସିଲା । ଘରେ ଆସି ଦେଖିଲା ତାର ବାପା ଦେହ ଖରାପ ଥିବାରୁ ସହରରୁ ଘରକୁ ଫେରି ଆସିଛନ୍ତି । ମୁନିକୁ କହିଲେ ନ୍ତଆରେ ! ବିଦ୍ୟାଳୟ ତ ହେଇଗଲା, ତୋର ନାମ ଲେଖି ଦେବା । ମୁନିର ବିଦ୍ୟାଳୟରେ ନାମ ଲେଖା ହୋଇଗଲା ।ପପମୁନି ବିଦ୍ୟାଳୟକୁ ଗଲା । କିନ୍ତୁ ଶ୍ରେଣୀ ଗୃହରେ ବସି କାନ୍ଦିବାକୁ ଲାଗିଲା । ସାର ଆସି ପଚାରିଲେ , ନ୍ତମୁନି ତୋର କଣ ହୋଇଛି କିରେ ! ମୁନି କହିଲା , ନ୍ତସାର ପାହଡ଼ର ଲୁହ ଝରୁଛି । ସାର ପଚାରିଲେ , କାହିଁକି ? ମୁନି କହିଲା ଆମର ଜୀବନ ଜୀବିକା, ଜଙ୍ଗଲ ପାହଡରୁ କିଛି କିଛି ଫଳ, ଫୁଲ, ଆବଶ୍ୟକ ଜିନିଷ ସଂଗ୍ରହ କରୁଥିଲୁ । ସେଠାରେ କେହି ନାହାନ୍ତି । ଆମେ କଣ ଖାଇବୁ ସାର ।ଆମ ପାହଡ଼ର ଭଲପାଇବା କିଏ ଆମକୁ ଫେରାଇଦେବ ସାର । ଖାଇଲେ ସିନା ପାଠ ପଢିବୁ । ପାଠରେ କେମିତି ମନ ଲାଗିବ ଯେ ସାର । ପମୁନି କାନ୍ଦି କାନ୍ଦି ଘରକୁ ଆସି ଦେଖିଲା ତା' ବାପା ମରି ପଡିଛି । ଗାଁର ଲୋକମାନେ ମୁନିକୁ ଦେଖି କହିଲେ, ନ୍ତ ପାଠ ଗୋଟିଏ ତୋ ପାଇଁ ଅଭିଶାପ । ସହରକୁ ପଢିବା ପାଇଁ ଗଲୁ ତୋ ଜେଜେମା ଚାଲିଗଲେ । ଗାଁ ବିଦ୍ୟାଳୟରେ ପଢ଼ିବାକୁ ଗଲୁ ତୋ ବାପା ମରିଗଲେ । ଏହି କଥା ଶୁଣି ମୁନି ଭାବିଲା ସତରେ ପାଠ କଣ ତା' ପାଇଁ ଅଭିଶାପ । ସେହି ସମୟରେ ସାର ଆସି ପହଞ୍ଚିଲେ ଓ କହିଲେ, ନ୍ତପାଠ ଗୋଟିଏ ଅଭଶାପ ନୁହେଁ । ପାଠ ମଣିଷର ଜୀବନକୁ ସୁଧାରି ଥାଏ । ପାଠ ଆମକୁ ଆଲୋକ ଦେଖାଇଥାଏ । ପାଠ ଜୀବନ ଜୀବିକାର ମାର୍ଗ ଦେଖାଇଥାଏ । ଏଥିରେ ମୁନିର କଣ ଦୋଷ ! ସେ ତ ନିରୀହ ଝିଅଟିଏ ! ସେ ବା କ'ଣ କରିପାରିବ ।

# ଅକୁହା କଥା ? ?



ପବିତ୍ର ମୋହନ ମହାରଣା

ସଞ୍ଜ ନଇଁଗଲେ ମିଶ୍ରବାବୁ କାଠ ଚୌକି ଟିଏ ବାରଣ୍ଡା ରେ ପକାଇ ବସିଯାନ୍ତି । ମୃଦୁ ମଳୟ ସାଙ୍ଗକୁ କିଚିରି କିଚିରି ଚଢେଇ ର କାକଳି ଆଉ ଆଉ ଚା କପେ । ହାତରେ ମୋଟା ବହି ଖଣ୍ଡେ କୁ ଆଖିରେ ମୋଟା ଲେନ୍ସ ବାଲା ଚଷମା । ମାଷ୍ଟ୍ର ଚାକିରୀ ଟିଏ କରିଥିଲେ ପାଞ୍ଚ ବର୍ଷ ହେଲାଣି ଅବସର ନେଲେଣି । ବାରଣ୍ଡା ରେ ବସିବା ସହ ମିଶ୍ରେ ଲକ୍ଷ୍ୟ କରନ୍ତି ସାମ୍ନା ଗଛ ଡାଳ ରେ ବାସ କରୁଥିବା ହଳଦୀବସନ୍ତ ପରିବାର କୁ । ନୁଆଁ କରି ସଂସାର ଗଢ଼ିଛନ୍ତି ସାଙ୍ଗରେ ଛୋଟ ଛୋଟ ପିଲା ଦୁଇଟି । ବାପ ପକ୍ଷୀ ପିଲା ମାନଙ୍କୁ ଆହାର ଟିକେ ଦେବା ପାଇଁ ଦିନ ସାରା କେତେ ଯେ ପରିଶ୍ରମ କରୁଛି ମା ପକ୍ଷୀ ଛୁଆ ଙ୍କୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସଦା ସର୍ବଦା ଡେଣା ଘୋଡେଇ ରଖୁଛି । କାଳେ କିଏ ନଜର ପକେଇ ଦବ ଯଦି । ଆଉ ମିଶ୍ର ବାବୁ ଏମିତି ଏକ ଦୃଶ୍ୟ କୁ କିପରି ହାତ ଛଡା କରିପାରିବେ ।

ଗ୍ରୀଷ୍ମ ଯାଇ ଶରତ ଆସିଲାଣି ଛୁଆ ମାନେ ବି ବଡ଼ ହୋଇ ସାରିଲେଣି । ଏବେ ସେମାନେ ଆମ୍

ନିର୍ଭରଶିଳ ଆଉ ଆହାର ପାଇଁ ବାପ ପକ୍ଷୀ ର ବୋଝ ହୋଇ ରହି ପାରିବେନି । ଖୋଲା ଆକାଶ ରେ ସେମାନେ ଏବେ ମୁକ୍ତ ବିହଙ୍ଗ । ମା ପକ୍ଷୀ ସଞ୍ଜ ନ ହଉଣୁ ଡାକ ଛାଡି ଦୁଇ ପିଲାଙ୍କୁ ଖୋଜିବସେ । ମା ର ଡାକ ଶୁଣୁ ଶୁଣୁ ଯବାନ ହଳଦୀବସନ୍ତ ବି ବସାକୁ ଗୈଡ଼ି ଆସନ୍ତି ।ଦୁଇ ଛୁଆ ଆଉ ବାପ ପକ୍ଷୀ ମା ପକ୍ଷୀ କୁ ନେଇ ଛୋଟିଆ ସଂସାର ଟିର ସ୍ନେହ ଭଲ ପାଇବା କୁ ଦେଖି ମିଶ୍ର ବାବୁ ମନେ ମନେ ଭାସି ଯାଇ ମନେ ମନେ ତାଙ୍କ ଦୁଇ ଝିଅ ଆଉ ପୁଅ କଥା ଭାବି ଭାରି ଖୁସି ମନେକରନ୍ତି । ସେ ଚାକିରୀ ସିନା ଛୋଟ କରିଥିଲେ ହେଲେ ନିଜ ପିଲାଙ୍କ ପ୍ରତି କେବେ ନିଜ କର୍ତ୍ତବ୍ୟ ରେ କମି କରିନାହାନ୍ତି। ପ୍ରଥମେ ଝିଅ ଦୁଇଟା ଘରେ ପାଦ ଦେବା ପରେ କେତେ ଓଷା ବ୍ରତ କରିଥିଲେ ବିମଳା ଆଉ ମିଶ୍ର ବାବୁ। କିନ୍ତୁ କିଛି ଦିନ ପରେ ବିମଳା ମିଶ୍ରେ ଙ୍କ ଉପରେ ସଂସାର ସବୁ ଦାଇତ୍ୱ ଲଦି ଦେଇ ଚାଲିଗଲେ । ଅବଶ୍ୟ ପରେ ମିଶ୍ରେ ଙ୍କ ପାଇଁ ଅନେକ

ବନ୍ଧୁପ୍ରସ୍ତାବ ଆସିଲା କିନ୍ତୁ ମିଶ୍ରେ ନିଜ ପିଲାଙ୍କ ସୁଖ ପାଇଁ ସବୁ ଜଳାଞ୍ଜଳି ଦେଇ ସେ ମା ବାପା ଉଭୟ ଙ୍କ ଭୂମିକା ଲିଭାଇ ଚାଲିଲେ। ଝିଅ ମାନେ ବଡ ବଡ଼ ହୋଇ ଯିଏ ଯା ଶାଶୂଘର ଗଲେଣି ପୁଅ ବି ଆମେରିକା ରେ ବଡ ଚାକିରୀ କଲାଣି। ଏବେ ଆଉ ଦୁଖଃ କଣ ବସିକି ନାତି ନାତୁଣୀ ଙ୍କ ସହ ଖେଳି ସମୟ ବିତେଇବା କଥା। ହେଲେ ମିଶ୍ର ବାବୁ ଲକ୍ଷ୍ୟ କରୁଛନ୍ତି ଏବେ କେତେ ଦିନ ହେଲା ହଳଦୀ ବସନ୍ତ ର ପରିବାର ଟା ଆଉ ଆଗ ପରି ହସି ଉଠୁନି । ଛୁଆ ମାନେ ବି ଆଉ ବସା କୁ ଫେରିନାହାନ୍ତି କିଛି ଦିନ ବିତିଗଲାଣି । ହଁ କେମିତି ବା

ଫେରିବେ ସେମାନେ ତ ମୁକ୍ତ ଆକାଶ ର ମୁକ୍ତ ବିହଙ୍ଗ ସ୍ନେହ ପଞ୍ଜୁରୀ ରେ କେତେ ଦିନ ଆବଦ୍ଧ ହୋଇ ରହିବେ । ବାଟ ଚାହିଁ ଚାହିଁ ମା ପକ୍ଷୀ ଆଉ ନାହିଁ । ବାପା ପକ୍ଷୀ ଟା ଖାଲି ଆଖି ତରାଟି ବସିଛି କେତେ ରାତି ପୁଣି କେତେ ଦିନ ତା ଛୁଆ ମାନେ ଆସିବେକି ? ମିଶ୍ର ବାବୁ ଙ୍କ ଏକ ଦୀର୍ଘଶ୍ୱାସ । ହଁ.. ଯେତେ ବେଳେ ମଣିଷ ସବୁଠାରୁ ଶ୍ରେଷ୍ଠ ପ୍ରାଣୀ ହୋଇ ବି ଜୀବନ ସାରା ତ୍ୟାଗ କରିଥିବା ବାପା ଙ୍କୁ ଭୁଲି ବୃଦ୍ଧାଶ୍ରମ ରେ ଛାଡି ପାରୁଛି ଆଉ ଏମାନେ ତ ପକ୍ଷୀ । ଏମିତି କେତେ ଦିନ ରାତି ଆଖିରୁ ନିଦ ହଜେଇ ଶୋଇଛନ୍ତି ମିଶ୍ର ବାବୁ ! ବିତେଇ ସାରିଲେଣି ବର୍ଷ ପରେ ବର୍ଷ ପୁଅ କି ଝିଅ କାହାର ଖୋଜ ଖବର ନାହିଁ ଖାଲି ପୁଅକୁ ପାଇବାର ଆଶା । ହେଲେ ଆଶା ନିଷ୍ଫଳ । ମିଶ୍ର ବାବୁ ଚଷମା ଟା ଖୋଲି ଗ୍ଲାସ ଟା ସଫା କରୁ କରୁ ଆଖିରୁ ବାହାରି ଆସିଥିଲା ଦୁଇଟି ଶୀତଳ ଜଳ ର ଧାର । ଶେଷରେ ବାଟ ଚାହିଁ ଚାହିଁ ହଳଦୀ ବସନ୍ତ ର ବସା ଟା ପକ୍ଷୀଶୂନ୍ୟ ହୋଇଯାଇଥିଲା।

ମାମୁଡିହ, ଆସିକା, ଗଞ୍ଜାମ
ଫୋନ -୯୩୩୭୧୪୪୦୬୭

## ମାଆ ମାଟି

*ଆଦ୍ୟାଶା ମହାପାତ୍ର*

ମାଆ କୋଳ ଛାଡିବା ପରେ ହିଁ
ସାମ୍ନାକୁ ଆସିଲା ସତମିଛର ଦୁନିଆ
ତା ପଣତ ଛାଡିବା ପରେ ହିଁ
ଅନୁଭବ କଲି ଦୁଃଖ ଯାତନାର
ସଂସାର
ଆବୁଡା ଖାବୁଡା ରାସ୍ତାରେ
କେବେ ଝୁଣ୍ଟି ପଡିଲେ
ଏବେବି ଖୋଜି ହୁଏ ତା'କୁ
ଧୂଳି ସବୁ ଦେହରୁ ଝାଡି ଦେବାକୁ
ଲୁହ ଅବା ଲହୁ ପୋଛି ଦେବାକୁ
କୋଳେଇ ନେବାକୁ ଥରେ
ମୋର ସମଗ୍ର ସତ୍ତାକୁ....!!

ସୁଖର ଅନ୍‌ବେଷଣରେ ଯେଉଁଠି
ରହିଲେ ବି
ମନକୁ ବୁଝେଇ ପାରେନା
ନିଜ ଜନ୍ମମାଟି ଠୁ ଦୂରରେ ରହି
ଶୂନ୍ୟତାକୁ ଛୁଉଁଥାଏ ନିତି
ସାମ୍ନାରେ ଉଭା ହୁଏ ଆସି
ମାୟା ମରୀଚିକା
ଫେରି ଯିବାକୁ ଇଚ୍ଛା ହୁଏ
ପ୍ରାଣ ପ୍ରାଚୁର୍ଯ୍ୟରେ ଭରା ମାଟି ମା
କୋଳକୁ
ଯେଉଁଠି ଛାଡି ଆସିଥିଲି
ହର୍ଷିତ ସୁନେଲି ଫସଲ
ନଦୀ ତୋଟାମାଳ, ପାଣି ଓ ପବନ
ବୈକୁଣ୍ଠ ସମାନ ଘର , ଆଉ
ଲଙ୍ଗଳ ମୁନରେ ଲେଖା
କେରା କେରା ସ୍ୱପ୍ନର ସ୍ୱାକ୍ଷର...!!

ମାଆ ପରି ମାଟି ମା' ବି ପତେଇ
ଦେଇଛି
ତା'ର ସୁବିସ୍ତୃତ ପଣତ
ମୋତେ ଏବେ ଲୋଡା
ମମତାରେ ଭରା ମୋ ମା'ର
ଦୁଇପଦ କଥା
ଭରିବାକୁ ଶୂନ୍ୟ ହୃଦୟକୁ,
ମୋତେ ବି ତ' ଲୋଡା
ମଥାର ତିଳକ ପାଇଁ
ଚିମୁଟେ ମାଟିର ସ୍ନିଗଧତା
ଖୁସିରେ ମହକି ଯିବାକୁ...!!!

ନୂଆପଡା ,କଟକ

## ସର୍ବବିଦ୍ୟମାନ

*ରତ୍ନକାନ୍ତି ମିଶ୍ର*



ତୁମେ ନିଦାଘରେ ସ୍ନିଗ୍ଧ ଶୀତଳତା
ପଥିକର ଅଭିଳାଷା
ତୁମେ ବନାନୀର ମୃଦୁ ସମୀରଣ
ଉଷର ମାଟିର ଆଶା

ତୁମେ ଅସରାଏ ବରଷାର ଧାରା
ସବୁଜ କ୍ଷେତର ପରେ
ତୃଷିତ ଓଠରେ ତୁମେ ହିଁ ପୀୟୂଷ
ବିଭୋରିତ ହସ ଧାରେ

ତୁମେ ଘୁରିବୁଲ ଶରତ ଆକାଶେ
ଭସା ବାଦଲର ସାଥେ
କାଶତଣ୍ଡୀ ମେଳେ ଖେଳୁଥାଅ ତୁମେ
ପବନ ଦୋଳିରେ ସତେ

ଶିଶିର ବିନ୍ଦୁରେ ତୁମେ ଶୋଭାପାଅ
ଦୁବ ଦୁର୍ବାଦଳ ପରେ
ତୁମେ ହେମନ୍ତର ନୀଳ କଇଁ ରୂପ
କାଚକେନ୍ଦୁ ସରୋବରେ

ଶୀତ ସକାଳର କାକର ଟୋପାରେ
ତୁମ ହସ ମୁହଁ ଦିଶେ
ଗୋଧୂଳି ଖରାରେ ତୁମେ ଦୃଶ୍ୟମାନ
ଧରଣୀର ଧୂଳି ବେଶେ

ତୁମେ ବସନ୍ତର ମଳୟ ପବନ
ସୁମଧୁର କୁହୁତାନ
ତୁମେ ଫଗୁଣର ରଂଗ ମହୋତ୍ସବ
ପଲ୍ଲବିତ କୁଞ୍ଜବନ

ଆଳି,କେନ୍ଦ୍ରାପଡା

## କାର୍ତ୍ତିକ

*କେଶବ ଚନ୍ଦ୍ର ନାୟକ*



କାର୍ତ୍ତିକ ଆସି ପାଦ ଥାପିଲାଣି
ଶୀତର ଶୀତଳ ନାହିଁ....
ପାହାନ୍ତି କାକର ପଡୁନି ଘାସରେ
ରୂପା ବର୍ଣ୍ଣ ବିନ୍ଦୁ ନେଇ....!!
ସବିତା ସଜ୍ଜିତ ସିନ୍ଦୁରା ବେଶରେ
ପ୍ରଭାତର ମୁଖ ଚାହିଁ....
ଦିଗ୍ ବଳୟେ ପକ୍ଷୀ ପଂକ୍ତି ଉଡି ଯାଏ
ପ୍ରଭାତୀ ସଂଗୀତ ଗାଇ....!!
ବାଡ ବଗିଚାରେ ଡଙ୍କ ?ଇ ବଙ୍କ ?ଇ
ଜହ୍ନି ଲତାର ଫୁଲ.....
ସ୍ୱର୍ଣ୍ଣିମା ଶୋଭାରେ ବିମଣ୍ଡିତ ହୋଇ
ଦିଶୁଥାଏ ଝଲମଲ....!!
କାର୍ତ୍ତିକ ମାସରେ କେଦାରେ ପୂରିଛି
ଧାନ ଫସଲର ମାୟା....
ଚାଷୀ ପୁଅ ମନ ଜଳ ଟୋପେ ପାଇଁ
ନିଦ ନଲାଗଇ ଯାହା....!!
ଧାନ ପାଇଁ ଲୋଡା କେଦାରେ ସଲିଳ
ନତୁବା ମରୁଡି ଭୟ....
ଇନ୍ଦ୍ରଦେବତାଙ୍କ ସଦୟ ହୋଇଲେ
ସଂସାର ଆନନ୍ଦମୟ...!!
କାର୍ତ୍ତିକ ଅଟଇ ପୂଣ୍ୟ ମାସ ବୋଲି
ବିଷ୍ଣୁଙ୍କୁ ଆରଧ୍ୟ କରି.....
ତାମସିକ କର୍ମ ଗୁଣରୁ ଓହରି
ଜପୁଥାନ୍ତି ହରି ହରି....!!
ପାପ ତାପ ହରିବାକୁ ନରନାରୀ
ପ୍ରଭୁଙ୍କୁ କରି ଗୁହାରୀ....
କଳି କଲ୍ମଷରୁ କରିବାକୁ ପାରି
କାର୍ତ୍ତିକ ମାହାତ୍ମ୍ୟ ସ୍ମରି....!!
ଦାନ ଧର୍ମେ ଚିତ୍ତ ବଳାଇ ପବିତ୍ର
ନବ ବସ୍ତ୍ର ? ପରିଧାନ....
ପ୍ରକ୍ଷାଳି ଗାତ୍ରକୁ ଦିଅଁ ଦରଶନେ
କରି ମନ୍ଦିରେ ଗମନ....!!
ମିଥ୍ୟା ନଭାଷିଣ ଭୁଞ୍ଜି ହବିଷ୍ୟାନ୍ନ
ସନ୍ନ୍ୟାସୀ ବ୍ରତ ଆଚରି....
ଜଗତ କଲ୍ୟାଣ ଜୀବେ ଦୟା ପୁଣ
ଆତ୍ମାରେ ସ୍ୱଚ୍ଛ ବିଚାରି....!!
ନଦ ନଦୀ ଜଳ ଦିଶଇ ନିର୍ମଳ
ପୂର୍ଣ୍ଣିମା-ଚାନ୍ଦ-ଉଜ୍ୱଳ....
ତଡାଗରେ କଇଁ ବିକଶି ଉଠଇ
ନେତ୍ରେ ବିରାଜେ ସୁଢଳ....!!
ମୀନ ଖେଳୁଥାଏ ସ୍ୱଚ୍ଛ ସରୋବରେ
ବକ କରୁଛି ପଞ୍ଚକ....
ନର ନରୀ ପୁଣି ଆମିଷ ତେଜିଣ
ପାଳନ୍ତି ବକ ପଞ୍ଚକ....!!
କାର୍ତ୍ତିକ ମାସରେ ପୟା ଶ୍ରାଦ୍ଧ ପାଇଁ
ବାଇଶି ପାହାଚେ ଭିଡ....
ବଡ ବଡିଆଙ୍କୁ ଡାକନ୍ତି ଆରତେ
ମତେ ଆଶୀର୍ବାଦ କର....!!
କାର୍ତ୍ତିକ ମାସରେ ବୋଇତ ବନ୍ଦାଣ
ଆ-କା-ମା-ବୈ ଭାବ...
ବଣିଜେ ଯାଆନ୍ତି ବଣିକ ପୁଅ ଯେ
ଚିର ସ୍ମରଣୀୟ ତବ.....!!
ଓଡିଆ ଜାତିର କେତେ ଗୁପ୍ତ ଗାଥା
ଇତିହାସେ ନାହିଁ ଲେଖା.....
ଜନମାନସରେ ଯୁଗ ଯୁଗ ଧରି
ଚିର ଜାଜ୍ୱଲ୍ୟ ରେଖା.....!!
ହେ କାର୍ତ୍ତିକ ମାସ କର କୃପା ବାରେ
ଦିଅ ହେ ଶୀତଳ ଛୁଆଁ....
ଧରଣୀରେ କେତେ ଅଗ୍ନି ବର୍ଷିବ
ସର୍ବ ଜୀବେ କର ଦୟା....!!

(ସଭାପତି,ଉତ୍କଳ ସାହିତ୍ୟ
ସଂସଦ,ମାଲକାନଗିରି)
ମୋନଂ:୯୪୩୭୭୭୯୪୪୭

## ଚିଠି ଲେଖୁ ଲେଖୁ ରାତି ସରିଗଲା

*ରାହାସ କୁମାର ବେହେରା*



ଚିଠି ଲେଖୁ ଲେଖୁ ରାତି ସରିଗଲା
ଜହ୍ନ ଯାଇଥିଲା ଲୁଚି
ଅବୁଝା ସ୍ମୃତି ମୋ ସାଧା କାଗଜରେ
ଖେଳୁଥିଲେ କେତେ ପୁଚି ।

ଲେଖୁଥିଲି ଚିଠି ଚିରୁଥିଲି ଚିଠି
ନଥିଲା ମନରେ ଶାନ୍ତି
ଲଫାପା ଦେହରେ କୋହକୁ ସଜାଇ
ପାରିଲିନି ଲେଖି ଇତି ।

ଭାବପ୍ରବଣତା କିମିଆ କରିଲା
ଲେଖା ରହିଗଲା ଅଧା
ଯେତେ ଭାବୁଥିଲେ ଅକୁହା କଥାକୁ
ସେତେ ମିଳୁଥିଲା ବାଧା ।

ଖୁସିରେ ଖୁସିରେ ଶବ୍ଦର ମହକ
ଯେବେ ପଡୁଥିଲା ଝରି
ଲେଖୁ ଲେଖୁ ଚିଠି ପଡୁଥିଲି ଝୁଣ୍ଟି
ସମୟ ଯେ ଗଲା ସରି ।

ଫୁଲେଇ ପ୍ରିୟାର ଫୁଲେଇ ଭାବନା
ଫୁଲ ପରି ଗଲା ବାସି
ମଜ୍ଜିଗଲି ତେଣୁ ମଝିରେ ମଝିରେ
ଲେଖନୀ ମୋ ଗଲା ଖସି ।

ଚିଠି ଲେଖୁ ଲେଖୁ ରାତି ପାହିଗଲା
ତାରାମାନେ ଗଲେ ଘୁଂଚି
ପାଗଳ ମନ ମୋ ବିରହ ଅକ୍ଷରେ
ରଖି ପାରିଲାନି ରୁଚି ।

ଚିଠିର ପ୍ରୀତିରେ ଅନେକ କାହାଣୀ
ଅଧୁରା ସପନ ପରୀ
ନିସ୍ୱ ଭାବନାରେ ଅନାବନା ଆଶା
ଅବସାଦେ ଗଲା ମରି ।

ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ : ୭୫୯୦୧୫
ମୋ : ୯୪୩୮୧୧୪୩୬୮

## ଚକାଭଉଁରୀ

*ନିରଞ୍ଜନ ସାହୁ*

ସମୟ ଖେଳିଲେ ଚକାଭଉଁରୀ ଲୋ
ଭାଗ୍ୟଟା ଭଗାରି ହୁଏ
ଜୀବନ ଯନ୍ତ୍ରଣା ହୁଏ ନାହିଁ ଊଣା
ଗଙ୍ଗା ବି ପାପ ନ ଧୁଏ ।

ବୁଝିବା ଲୋକଟା ଅବୁଝା ହୁଅଇ
ମନ ମାନେନାହିଁ ବୋଲ
ଉଜାଣି ବହଇ ଜୀବନ ଯମୁନା
ବୁଡିଯାଏ ପରା ସୋଲ
ସବୁକିଛି ହୁଏ ଓଲଟପାଲଟ
କର୍ମ ବି ଚେଇଁକି ଶୁଏ ।

ମଉଳା ଫୁଲର ଆଦର ବଢଇ
ସଜଫୁଟା ବାସେ ନାହିଁ
ଅଧର୍ମ ମାରଇ ବହୁତ ଫୁଟାଣି
ନ୍ୟାୟ ଦେଖା ମିଳେ କାହିଁ
ନିଜର ଯିଏ ସେ ପର ହୋଇଯାଏ
ଘରୁ ନେଇ ଦାଣ୍ଡେ ଥୁଏ ।

ନିହଲପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ:୯୯୩୮୭୪୧୫୮୩

## ଦେଇଦେଲୁ ମୁହେଁ ବିଷ

*ଧିରେନ୍ଦ୍ର ମଲ୍ଲିକ*

ଏତ ? ସ୍ୱାର୍ଥପର ଝିଅଟିଏ ତୁଲୋ
ଭାବିଥିଲି ତତେ ଭାରି ସରଳ,
ଭଲ ପାଉଥିଲି ପାଗଳ ପରିକା
ପିଆଇ ଦେଲୁତୁ ମତେ ଗରଳ,,
ଜାଣିନଥିଲି ମୁଁ ମନ ଭିତରେ ତୋ
ଭରି ରହିଅଛି ଅମାପ ବିଷ,
ପ୍ରେମରେ ତୋହର ଅନ୍ଧ ହେଇଗଲି
ଯେମିତିକି ହେଇଥିଲି ମୁଁ ବଶ,,
ଭଲପାଇବାର ନାଟକ କରିଲୁ
କାହାଣୀରେ ମତେ ନାୟକ କରି,
ରଚିଲୁ ଏମିତି ମହା ଷଡଯନ୍ତ୍ର
ପ୍ରତ୍ୟେକ ମୁହୂର୍ତ୍ତ ? ଯାଉଛି ମରି,,
କି ଲାଭ ପାଇଲୁ ଠକିଦେଇ ମତେ
ହୃଦୟକୁ ଭାଙ୍ଗି କରିଲୁ ଚୁନା,
ଗୁମୁରି ଗୁମୁରି କାନ୍ଦୁଛି ଆଜିମୁଁ
କେମିତି ବଞ୍ଚିବି ତୋହରି ବିନା,,
ମନପ୍ରାଣ ଦେଇ ଭଲ ପାଇବାଟା
ହେଲା ବୋଧେ ପ୍ରିୟା ମୋହର ଦୋଷ,
ସେଥିପାଇଁ ବୋଧେ ବଞ୍ଚିଥାଉ ଥାଉ
ଦେଇଦେଲୁ ମୋର ମୁହଁରେ ବିଷ,

ନୀଳକଣ୍ଠପୁର ମଙ୍ଗଳପୁର ଯାଜପୁର
ଫୋନ-୭୯୦୪୩୯୨୬୮୬

## ଭ୍ରମରୁ ପ୍ରେମ

*ଶୁଭ୍ରାଂଶୁ ଶେଖର ପଟନାୟକ*



ମୁଁ ଭାବିଥିଲି
ପ୍ରେମ ଏକ ମରୁଭୂମିର ମରୀଚିକା
ମୁଁ ପାଇଥିଲି
ଖୋଜୁ ଖୋଜୁ ସାଗର ଭିତରୁ ମୁକ୍ତା

ମୁଁ ଭାବିଥିଲି
ପ୍ରେମ ଏକ ଆକାଶର ଭାସମାନ ବାଦଲ
ମୁଁ ପାଇଥିଲି
ଖୋଜୁ ଖୋଜୁ ବଗିଚାରୁ ଗୋଲାପ ଫୁଲ

ମୁଁ ଭାବିଥିଲି
ପ୍ରେମ ଏକ ବରଫାବୃତ ହ୍ରଦର ଭ୍ରମ
ମୁଁ ପାଇଥିଲି
ଖୋଜୁ ଖୋଜୁ ପୋଖରୀ ପଙ୍କରୁ ପଦ୍ମ

ମୁଁ ଭାବିଥିଲି
ପ୍ରେମ ଏକ ବରଷା ଆକାଶର ଇନ୍ଦ୍ରଧନୁ
ମୁଁ ପାଇଥିଲି
ଖୋଜୁ ଖୋଜୁ ଦୁନିଆ ଭିତରୁ ଏକ ତନୁ।

ଶ୍ରୀକରଣ ସାହି, ପାରଳାଖେମୁଣ୍ଡି
ଜିଲ୍ଲା - ଗଜପତି, ଓଡ଼ିଶା

## ଏମିତି ବି ପ୍ରେମ ହୁଏ

*ସବ୍ୟସାଚୀ ବିଷୋୟୀ*



ହୃଦୟକୁ ଜାଳି ଜାଳି
ଏକାନ୍ତରେ ଝରିବାକୁ ହୁଏ
ଆଖିତଳେ ସ୍ୱପଟିକୁ
ସମାଧି ଦେବାକୁ ମଧ୍ୟ ହୁଏ
ଏମିତି ବି......!

ଜୋହର ପିଇ ମଧ୍ୟ ଜୀଇଁବାକୁ ହୁଏ
ପ୍ରେମ କରିଥିଲେ ଜୀବନରେ
ଫୁଲ ଶେଜରେ ମଧ୍ୟ ଜଳିବାକୁ ହୁଏ
ଫେସବୁକର କେଉଁ ଏକ ଅଜଣା
ପ୍ରୋଫାଇଲରେ
ବାରମ୍ବାର ଖୋଜିବାକୁ ହୁଏ
ଅଚିହ୍ନା ଛବି ଭିତରେ ନିଜକୁ
ଦେଖିବାକୁ ହୁଏ
ସେ ମତେ ଚିହ୍ନୁ କି ନଚିହ୍ନୁ

ମୋ ପାଇଁ କିଛି କ୍ଷଣ ଥାଉକି ନଥାଉ
ତାକୁ ସବୁବେଳେ ଝୁରିବାକୁ ହୁଏ....

ଜାଣିନି ତା ହାତରେ ହାତ
ପାଦରେ ପାଦ ମିଶେଇ ଚାଲିବା
ମୋ ଭାଗ୍ୟରେ ଅଛି କି ନାହିଁ
ତଥାପି ବି ଏ ପ୍ରେମ ଏକ ଫେବିକ୍ଲକ୍
ତା ବିରହ ବେଦନାକୁ ପୋଷ୍ଟରଟେ
କରି
ଏ ଛାତିରେ ଛାପିବାକୁ ହୁଏ...
ତମାମ୍ ରାତିକୁ ତା ପାଖରେ ବିକିଲା
ପରେ
ସକାଳର ଗୋଲାପ ଫୁଲ ହେଇ ତା
ଅଗଣାରେ ଫୁଟିବାକୁ ହୁଏ....
ଏମିତି ବି.....!!

ଆଖି ଖୋଜେ ଯୋଡେ ଆଖିକୁ ବୋଲି
ସବୁବେଳେ ଦେଖିବାକୁ ଇଛା ହୁଏ
କେତେ ଯେ ଥର ତୁମ ପ୍ରୋଫାଇଲର
ଗ୍ୟାଲେରୀରେ ଫଟୋକୁ ଖୋଜୁଥାଏ
ତୁମ ଭିତରେ ହଜିବାର ଔଧତପଣରେ
ବାରମ୍ବାର ତୁମ ଡିପିକୁ ଜୁମ୍
କରୁଥାଏ....

କଣ୍ଟାମାଳ(ନବରଙ୍ଗପୁର)

## ମହୁଲ ଫୁଲ

*ବିଜୟଲକ୍ଷ୍ମୀ ପାଣିଗ୍ରାହି*



ଅଭାବୀ ମଣିଷର ନିଦାଘରେ
ଏଇ ତ ଅସରାଏ ବର୍ଷା
ଟୁପ ଟାପ ଖସୁଥାଏ
ଝୁଡ଼ିଏ ସୁଖହୋଇ।

ରାତିର ଆୟୁଷକୁ ଖିନଭିନ କରି
ମହୁଲି ନିଶା
କୁଆଡେ ହାତ ଠାରି ଡାକେ।
ସନିଆମା ତାଟି କବାଟ ଖୋଲେ
କାଳେ ସୁଖ କାନି ଗଣ୍ଠିଲିକୁ
ଅଭାବହେବ
ସେଥିପାଇଁ ଆଖି ମଳି ମଳି ସେ
ଦରାଣ୍ଡୁଛି ଯେ ଦରାଣ୍ଡୁଛି।

ସାରି ଦିଏ ତମାମ ଦିବସ
ପିଠିକୁ ଖରା ଖୁଆଇ।
ଜୀବନକୁ ଥାପୁଡା ମାରି ଶେକେ।
ମାଟିର ଛାତି ଉପରେ
ମହୁଲ ଫୁଲର ଶେଜ ପାରେ।
ଡହଡହ ଖରାରେ
ରଙ୍ଗ ଦିଏ ସୁଖକୁ।
ଭୋକର ସାନ୍ଦ୍ରତା ବଢେ
ସାନିଆ ମା ମାତାଲ ହୁଏ
ସୁଖ ବିକି ସୁଖ କିଣିବା ନିଶାରେ।

ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ -୮୨୪୯୪୫୦୦୫୦




# ପାର୍ବଣ ଋତୁରେ ପାର୍ଚ୍ଚୁନ୍ୟଭରା ଖଣିସହର ଏବେ ଖାଁ ଖାଁ



ଯୋଡା (ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣି ଅଂଚଳରେ ପର୍ବ ପର୍ବାଣି ଆସିଲେ ସହର ଚଳ ଚଂଚଳ ହୋଇ ଉଠେ। ଭିଡଭାଡ ଗହଳ ଚହଳ ଲାଗି ରହେ ବଜାର ସାରା। ଆଗକୁ କାଳୀ ପୂଜା ହେଲେ ବଜାର ସାରା ମାନ୍ଦା ଅବସ୍ଥା। ଦିନକୁ ଦିନ ଦରଦାମର ମହଙ୍ଗା ମାଡ ପାଇଁ ବଜାର ମାନ୍ଦା ଥିବା ଏକ ବିଶ୍ଲେଷଣରୁ ଜଣାପଡିଛି। ଦିନକୁ ଦିନ ତୈଳଦର ଅକାଶ ଛୁଆଁ ହେବାକୁ ଲାଗିଛି। ମାସକୁ ଦଶଥର ତେଲଦର ବଢି ଥମିବାର ନାଁ ନେଉନାହିଁ। ତୈଳ ଦର ବୃଦ୍ଧି ହେବା ଦ୍ୱାରା ପରିବହନ ଦର ବଢୁଛି ଯାହାଫଳରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକ ଆକାଶଛୁଆଁ ହେବାରେ ଲାଗିଛି। ଯେଉଁଆଡେ ଗଲେ ସେଇ ଗୋଟିଏ ଅଭିଯୋଗ ତେଲଦର ବଢିବାଦ୍ୱାରା ସାମଗ୍ରୀଗୁଡିକର ପରିବହନ ଦର ବଢୁଛି। ରାସନ ସାମଗ୍ରୀ ସହ ପରିବା ଦର ସାଙ୍ଗକୁ ଘରୋଇ ଉପକରଣ ଜିନିଷ ଦର ମଧ୍ୟ ବଢିବାରେ ଲାଗିଛି। ଧନତେରସ ପାଇଁ ବଜାରକୁ ଲୋକ ତ ଆସୁଛନ୍ତି ହେଲେ ଜିନିଷ ଗୁଡିକର ଦରଦାମ ଶୁଣି ମୁଣ୍ଡରେ ହାତ ଦେଉଥିବା ଦେଖିବାକୁ ମିଳୁଛି। ଲୋକ ହତାଶ ହେବା ସହ ଦୋକାନୀ ମଧ୍ୟ ହତାଶ ହେଉଛନ୍ତି। ଏପଟେ ଖଣି ଅଂଚଳରେ ଥିବା ସମସ୍ତ ଖଣି ଗୁଡିକ ସଂମ୍ପର୍ଣ୍ଣ ମେସିନ ମାଇନ୍ସ ହେବାଦ୍ୱାରା ଶ୍ରମିକ ଛଟେଇ ଆଉ ଏକ ମାନ୍ଦାବସ୍ଥାର ମୁଖ୍ୟ କାରଣ ପାଲଟିଛି। ଆଗରୁ ହଜାର ହଜାର ଶ୍ରମିକ ଖଣିରେ କାର୍ଯ୍ୟକରୁଆସୁଥିଲେ। ବେତନ ସମୟରେ ପୂଜାବଜାର ଗହଳ ଚହଳ ହୋଇ ଫାଟି ପଡୁଥିଲା ଆଜି ଆଉ ସେ ଦିନର ସମୟ ନାହିଁ ବୋଲି ବଜାର ରେ ଥିବା ଦୋକାନୀ ନିଜ ମତ ରଖିଛନ୍ତି। ଖଣି ଅଂଚଳରେ ଆଉ ଏକ ମୁଖ୍ୟ ରୋଜଗାର ମାଧ୍ୟମ ହେଉଛି ଗାଡି ବେପାର ଏଠିକାର ପ୍ରାୟ ୭୦ ପ୍ରତିଶତ ଲୋକ ଗାଡି ବ୍ୟବସାୟୀ । ଚାଷ କହିଲେ ଗାଡି ଏବଂ ଚାଷ ଜମି କହିଲେ ଖଣିକୁ ବୁଝାଇଥାଏ। ବେଶ କିଛିମାସ ହେବ ଯୋଡା ଖଣି ମଣ୍ଡଳରେ ଗାଡି ବେପାର ନାହିଁ ଅର୍ଥାତ ଗାଡି ଗୁଡିକ ଖଣିଜ ପରିବହନରେ ସମ୍ପର୍ଣ୍ଣ ଭାବେ ନିୟୋଜିତ ହୋଇପାରୁନାହିଁ। ଲୌହ ଖଣିଜର ଅହେତୁକ ମୁଲ୍ୟ ବୃଦ୍ଧି ନେଇ ଠିକଭାବରେ କିଣାବିକା ହୋଇପାରିନଥିବା ବେଳେ ଗାଡି ଗୁଡିକ ପରିବହନ କାର୍ଯ୍ୟରେ ନିୟୋଜିତ ହୋଇପାରୁନଥିଲା ଏବେ ଧିରେ ଧିରେ ଏହା ସ୍ୱାଭାବିକ ହେବାକୁ ଲାଗିଥିବା ବେଳେ ଗାଡି ମାଲିକମାନେ ତେଲ ଦର ବୃଦ୍ଧିକୁ ନେଇ ଅସନ୍ତୋ ପ୍ରକାଶ କରୁଛନ୍ତି। ତେବେ ପେଟ୍ରୋଲ ଡିଜେଲର ଅହେତୁକ ଦର ବୃଦ୍ଧି ପାଇଁ ବଜାରରେ ଦରଦାମ ହୁ ହୁ ହୋଇ ବଢିବାରେ ଲାଗିଛି ଯାହା ସାଧାରଣ ଜନତା ଏବଂ ବଜାର ଉପରେ ପ୍ରଭାବ ପକାଇ ମାନ୍ଦାବସ୍ଥା ଉପୁଯାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

## ଗୃହ ନିର୍ମାଣ ପାଇଁ ପଦ୍ମଚରଣଙ୍କୁ ସହଯୋଗର ହାତ ବଢାଇଲା ବ୍ଲକ ପ୍ରଶାସନ

କେନ୍ଦ୍ରାପଡ଼ା (ପିଏନ୍): ଗତ ଲଗାଣ ବର୍ଷାରେ ଘର ଭାଙ୍ଗି ଯାଇଥିବା କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତର ବଣହରା ଗ୍ରାମର ପଦ୍ମଚରଣ ରାଉତଙ୍କୁ ସହଯୋଗର ହାତ ବଢାଇଛି କେନ୍ଦ୍ରାପଡ଼ା ବ୍ଲକ ପ୍ରଶାସନ। ଏବେ ଆବାସ ଯୋଜନା ମଞ୍ଜୁର ହେଉ ନ ଥିବାରୁ ପଦ୍ମଚରଣଙ୍କୁ ଘର କରିବା ପାଇଁ ବିଡିଓ ଅଶ୍ୱିନୀ କୁମାର ଦାସ ଓ ଅନ୍ୟ କର୍ମଚାରୀମାନେ ନିଜ ଉପାର୍ଜନରୁ ଅର୍ଥ ସଂଗ୍ରହ କରି ପଦ୍ମଚରଣଙ୍କ ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ଅର୍ଥ ପ୍ରଦାନ କରିଛନ୍ତି। ଏହି ଅବସରରେ ବିଡିଓ ଶ୍ରୀ ଦାସ କହିଥିଲେ ଯେ ଗତ ଲଗାଣ ବର୍ଷାରେ ପଦ୍ମଚରଣଙ୍କ ଘରଟି ଭାଙ୍ଗି ମାଟିରେ ମିଶି ଯାଇଥିଲା। ପଦ୍ମଚରଣଙ୍କ ଦୁଇ ଝିଅକୁ ନେଇ ସ୍ଥାନୀୟ ସ୍କୁଲ ଘରେ ଆଶ୍ରୟ ନେଇଥିଲେ। ଏପର୍ଯ୍ୟନ୍ତ ଘର ଖଣ୍ଡେ କରିବା ପାଇଁ ସେ ସମର୍ଥ ହୋଇ ନଥିଲେ। ଏ ନେଇ ସେ ବ୍ଲକ ପ୍ରଶାସନ ନିକଟରେ ନିବେଦନ କରିଥିଲେ। ପ୍ରାଥମିକ ଅନୁସନ୍ଧାନରୁ ଜଣା ପଡିଥିଲା ଯେ ସେ ଜଣେ ଯୋଗ୍ୟ ହିତାଧିକାରୀ



ବୋଲି। ହେଲେ ଗ୍ରାମୀଣ ଆବାସ ଯୋଜନା ଏବେ ମଞ୍ଜୁର କରିବା ସମ୍ଭବ ହେଉ ନଥିବାରୁ ପ୍ରଶାସନ ପକ୍ଷରୁ ଅର୍ଥ ଆଦାୟ କରାଯାଇ ପଦ୍ମଚରଣଙ୍କର ଏକ ଆଜବେଷ୍ଟସ ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଶ୍ରୀ ଦାସଙ୍କ ସହିତ ଏବିଡିଓ ଅନିରୁଦ୍ଧ ବେହେରା, ଭାଗବତପୁର ସରପଞ୍ଚ ଧରଣୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏବେ ପଦ୍ମଚରଣ ଆଜବେଷ୍ଟସ ଗୃହ ନିର୍ମାଣ କରି ରହିବେ। ଯେତେବେଳେ ଆବାସ ଯୋଜନାରେ ଅର୍ଥ ମଞ୍ଜୁର ହେବ ସେତେବେଳେ ସେ ଆଜବେଷ୍ଟସ ଉଠାଇ ଛାତ ପକାଇ ସୁରକ୍ଷିତ ଭାବେ ରହିପାରିବେ ବୋଲି ବିଡିଓ ଶ୍ରୀ ଦାସ କହିଛନ୍ତି। ତାଙ୍କର ସୁରକ୍ଷିତ ଜୀବନଯାପନ ପାଇଁ ବ୍ଲକ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛି ବୋଲି ବିଡିଓ ଶ୍ରୀ ଦାସ କହିଛନ୍ତି।

# ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ



ବାଲେଶ୍ୱର (ପିଏନ୍)- ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜିତ ଦଳବେହେରା, ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଦୁଲାଳ ସେନ ଜଗଦେବଙ୍କ ସମେତ ପୋଲିସ୍ ଅଧିକାରୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀ, ଜିଲ୍ଲା ସଡକ ସୁରକ୍ଷା ସମିତିର ସଦସ୍ୟ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ପରିବହନ ସଙ୍ଗଠନର କର୍ମକର୍ତାମାନେ ଉପସ୍ଥିତ ରହି ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରିଥିଲେ । ବୈଠକର ଆବାହକ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜିତ ଦଳବେହେରା ଗତ ମାସ ବୈଠକରେ ହୋଇଥିବା ନିଷ୍ପତି ଆଧାରରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସଡକ ଦୁର୍ଘଟଣା ଓ ଜୀବନହାନୀ ହ୍ରାସ ପାଇଁ ବିଭିନ୍ନ ସମୟରେ ଦିଆଯାଇଥିବା ନିର୍ଦ୍ଦେଶନାମାର କଡାକଡି ଅନୁପାଳନ, ଦ୍ରୁତ ଗତି ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ଦୁର୍ଘଟଣା ଘଟିବାର ୨୪ ଘଂଟା ମଧ୍ୟରେ ମିଳିତ ସରଜମିନ୍ ତଦନ୍ତ କରି ରିପୋର୍ଟ ପ୍ରଦାନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ପୂର୍ବ ବୈଠକର ନିଷ୍ପତି ହୋଇଥିଲେ ହେଁ ଭେଲୋରାଠାରେ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇବା ସହ ଆସନ୍ତା ୧୦ ଦିନ ମଧ୍ୟରେ ଏହା ଆରମ୍ଭ କରିବାକୁ କୁହାଯାଇଥିଲା । ୧୬ନମ୍ବର ଜାତୀୟ ରାଜପଥରେ ଗଛ କଟା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା । ବିଭିନ୍ନ ବାଇପାସ ରାସ୍ତା ଏବଂ ସର୍ଭିସ ରୋଡ୍‌ମାନଙ୍କର ବୁଲାଣି ଜାଗାରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ କର୍ମଚାରୀଙ୍କୁ ବେଟନ୍ ( ଉଜ୍ଜ୍ୱଳ ସାଇନେଜ) ସହ ମୁତୟନ କରିବାକୁ ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ କୁହାଯାଇଥିଲା । ଏହାକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ସ୍ତରରେ ଏହାର ନିୟମିତ ଯାଂଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଖାଲ ଢିପ ଥିବା ସର୍ଭିସ ରୋଡ ଗୁଡିକର ଯଥାଶୀଘ୍ର ମରାମତି କରାଯିବା, ହେଲମେଟ ଚେକିଂ ସହ ଏବେ ସ୍କୁଲ ଖୋଲିଥିବାରୁ ନାବାଳକ ଗାଡି ଚାଳନା ଉପରେ ରୋକ୍ ଲଗାଇବା ପାଇଁ ପଦକ୍ଷେପ ନେବା ଉପରେ ସଡକ ସୁରକ୍ଷା ସମିତିର ସଦସ୍ୟମାନେ ଆଲୋକପାତ କରିଥିଲେ । ୬୦ ନମ୍ବର ଜାତୀୟ ରାଜପଥ କର୍ତୃପକ୍ଷ ନଭେମ୍ବର ୩୦ ତାରିଖ ସୁଦ୍ଧା ୩୦ରୁ ୪୫ଟି ସ୍ଥାନରେ ସାଇନେଜ ଲଗାଇବା କାମ ସହିତ ରାସ୍ତା ମରାମତି କାମ ସାରିବେ । ସେରଗଡ ପୂର୍ବରୁ ଥିବା ବାଇପାସ୍ ରାସ୍ତାର ଅବସ୍ଥା ଖରାପ ହୋଇଯାଇଥବାରୁ ତୁରନ୍ତ ଏହାର ମରାମତି କରିବାକୁ ବୈଠକରେ ସଦସ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ । ପୁଲିସ ଏବଂ ଆଂଚଳିକ ପରିବହନ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ପାଇଁ ମିଳିତ ବୈଠକ ଆୟୋଜନ ସହିତ ସଡକ ସୁରକ୍ଷା ପ୍ରସଙ୍ଗରେ ଆଲୋଚନା ପାଇଁ ବୈଠକରେ ନିଷ୍ପତି ହୋଇଥିଲା । ବାଲେଶ୍ୱର ସହରରେ ପୂର୍ଣ୍ଣ ମାତ୍ରାରେ ସିସିଟିଭି ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା, ନୂତନ ବ୍ଲାକସ୍ପଟ୍ ଚିହ୍ନଟ କରିବା ଇତ୍ୟାଦି ଉପରେ ବୈଠକରେ ମତପ୍ରକାଶ ପାଇଥିଲା । ଆସନ୍ତା ୭ଦିନ ମଧ୍ୟରେ ରେମୁଣା ବାଇପାସ ମରାମତି କାର୍ଯ୍ୟ ସାରିବାକୁ ବୈଠକରେ ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ କୁହାଯାଇଥିଲା । ସେହିପରି ପ୍ରତିରକ୍ଷା ବିଭାଗ ଦ୍ୱାରା ଚାନ୍ଦିପୁର ବାଇପାସ ରାସ୍ତାର ମରାମତି ଆସନ୍ତା ୧୦ଦିନ ମଧ୍ୟରେ ସରିବା ସହ ତିନି ମାସ ମଧ୍ୟରେ ଏହାର ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ଅଧିକ ବେଗ, ଅଧିକ ବୋଝେଇ, ମାଲ୍ ପରିବହନ ଯାନରେ ଯାତ୍ରୀ ପରିବହନ, ଯାନ ଚାଳନା ସମୟରେ ମୋବାଇଲ ଫୋନର ବ୍ୟବହାର, ନିଶା ସେବନ କରି ଗାଡି ଚାଳନା, ବିନା ହେଲମେଟ୍‌ରେ ଗାଡି ଚାଳନା ଆଦି ଅପରାଧ ଅଧାରରେ ଆର.ଟି.ଓ.ଙ୍କ ଦ୍ୱାରା ସେପ୍ଟେମ୍ବର ମାସରେ ୩୭୦ଜଣ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ମୋଟ ୨୨୬ଜଣଙ୍କର ଡ୍ରାଇଭିଂ ଲାଇସେନ୍ସକୁ ବାତିଲ୍ କରାଯାଇଛି ଏବଂ ଚଳିତ ବର୍ଷ ଜାନୁୟାରୀ ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସମୁଦାୟ ଚିହ୍ନଟ ୪୭୫୧ ଆଇନ ଉଲ୍ଲଙ୍ଘନକାରୀଙ୍କ ମଧ୍ୟରୁ ୧୭୯୧ଜଣଙ୍କ ଲାଇସେନସ ବାତିଲ ହୋଇଛି । ଦୁର୍ଘଟଣା ରିପୋର୍ଟ ଅନୁଯାୟୀ ୨୦୨୧ ମସିହା ଜାନୁୟାରୀ ରୁ ସେପ୍ଟେମ୍ବର ମଧ୍ୟରେ ସମୁଦାୟ ୩୧୬ଟି ଦୁର୍ଘଟଣା ଘଟିଛି ଏବଂ ଏହି ସମୟ ମଧ୍ୟରେ ୧୬୬ ଜୀବନହାନୀ ହୋଇଛି । ସେହିପରି ୧୩୨ଜଣ ଗୁରୁତର ଆହତ ହୋଇଥିବା ବେଳେ ୪୩ଜଣ ସାମାନ୍ୟ ଆହତ ହୋଇଛନ୍ତି । ଦୁର୍ଘଟଣା ଓ ଜୀବନହାନୀ ହ୍ରାସ ପାଇଁ ସତର୍କତା ଅବଲମ୍ବନ ଓ ତତ୍ପରତାର ସହ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ ନାୟକ ପରାମର୍ଶ ଦେଇଥିଲେ । ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମିରଂଜିତ ଦଳବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧର୍ମପ୍ରାଣା ମହିଳା ସୁଶୀଳା ରାଉତଙ୍କ ସ୍ମୃତିଚାରଣ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡମଙ୍ଗଳପୁର(ନାଉପାଳ) ଗ୍ରାମର ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ଲୋକନାଥ ରାଉତଙ୍କ ପତ୍ନୀ ସ୍ୱର୍ଗୀୟା ସୁଶୀଳା ରାଉତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ସଂଜୀବ କୁମାର ରାଉତଙ୍କ ସଂଯୋଜନାରେ ପରିଚାଳିତ ଶୋକସଭାରେ ପ୍ରଫେସର ସୁରେନ୍ଦ୍ର ମୋହନ ମିଶ୍ର, ସମାଜସେବୀ ମିହିର ରାଉତ, ମହେଶ୍ୱର ସାହୁ, ପୂର୍ଣ୍ଣଚନ୍ଦ୍ର ଜେନା, ଲଳିତ ରାଉତ, ଆଲୋକ ନାୟକ, ପ୍ରଫେସର ସକୁନ୍ତଳା ଆଚାର୍ଯ୍ୟ ଓ ଶିକ୍ଷପତି ସୁଶାନ୍ତ କୁମାର ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ସ୍ୱର୍ଗୀୟା ରାଉତଙ୍କୁ ଜଣେ ପରୋପକାରୀ ଓ ଧର୍ମପ୍ରାଣା ମହିଳା ଭାବେ ବର୍ଣ୍ଣନା କରିଥିଲେ । କୃଷକନେତା ଲୋକନାଥ ପଲେଇ, ଆତୁଳ ଚରଣ ରାଉତ, ରବିନ୍ଦ୍ର ଧଳ, ବିମଳ କୁମାର ସ୍ୱାଇଁ, ସୁବାଷ ନାୟକ, ମୁକ୍ତିକାଂ ଜେନା, ରାଜୀବ ରାଉତ, ଆଶିଷ ରାଉତ, ସୌରଭ ରାଉତ, ସତ୍ୟବାନ ନାୟକ, ରେବତୀ ସ୍ୱାଇଁ, ଉର୍ମିଳା ନାୟକ, ସ୍ମୃତିରେଖା ରାଉତ, ଗୋପୀନାଥ ରାଉତ, ରସାନନ୍ଦ ପୁହାଣ, ଗଣନାଥ ରାଉତ, ସୋମନାଥ ରାଉତ, ସ୍ମିତାରେଖା ରାଉତ, ଅର୍ପିତା ରାଉତ, ଦେବାଂଶି ରାଉତ, ସତ୍ୟସ୍ୱନ୍ଦନ ରାଉତ, ଆଦିଦେବ ରାଉତ ଓ ଦେବାଦିତ୍ୟ ରାଉତ ପ୍ରମୁଖ ଯୋଗଦେଇ ସୁଶୀଳା ଦେବୀଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଫଟୋଚିତ୍ରରେ ମାଲ୍ୟାର୍ପଣ, ଗୀତାପାଠ, ହରିନାମ, ଭାଗବତ ପାଠ ଓ ଭଜନକିର୍ତ୍ତନ ପରିବେଷଣ ହୋଇଥିଲା।

## ଜିଲ୍ଲା ସ୍ତରୀୟ ଖାଦ୍ୟ ନିରାପଦ ପରାମର୍ଶଦାତା କମିଟି ବୈଠକ

ଖୋର୍ଦ୍ଧା (ପିଏନ୍)-ଜିଲ୍ଲାସ୍ତରୀୟ ଖାଦ୍ୟ ନିରାପଦ ପରାମର୍ଶଦାତା କମିଟିର ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ଖାଦ୍ୟ ସୁରକ୍ଷା ଅଧିକୃତ ଅଧିକାରି ସତ୍ୟଜିତ ପଟେଲ ସମ୍ୟକ ସୂଚନା ଦେବା ପରେ ଖାଦ୍ୟର ନିରାପତା ଓ ସୁରକ୍ଷା ଦୃଷ୍ଟିରୁ ଉତମ ମାନ ନିରୂପଣ ପାଇଁ ଜିଲ୍ଲାରେ ବାର୍ଷିକ ୧୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ ଖାଦ୍ୟ ସାମଗ୍ରୀ ବିକ୍ରୀ କରୁଥିବା ବ୍ୟକ୍ତି ଓ ସଂସ୍ଥା ମାନେ ପଞ୍ଜିକରଣ କରିବା ଆବଶ୍ୟକ ବୋଲି ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ କହିଛନ୍ତି ।ଏଥି ସହିତ ବିଭିନ୍ନ ହୋଟେଲ ଓ ଢାବାରେ ଉତମ ମାନର ଖାଦ୍ୟ ଯୋଗାଇବେ ସେଥିପାଇଁ ଏକ ଟିମ ଗଠନ କରାଯାଇ ଖାଦ୍ୟର ମାନ ଯାଂଚ କରିବା ସହ ଫାଇନ ଆଦାୟ କରାଯାଉଛି।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ



ଭୁବନେଶ୍ୱର (ପିଏନ୍): ୧୯୯୯ ମସିହା ଓଡିଶାରେ ଘଟିଯାଇଥିବା ମହାବାତ୍ୟାର ପ୍ରଳୟଙ୍କାରୀ ବିପର୍ଯ୍ୟୟକୁ ସ୍ମୃତିରେ ରଖି ଓଡିଶା ରାଜ୍ୟ ପ୍ରତ୍ୟେକ ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ କରିଆସୁଛି। ଏହି ପରିପ୍ରେକ୍ଷୀରେ ଗତ ୨୯ ତାରିଖ ଦିନ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ରାଜ୍ୟ ଶାଖା ଆନୁକୂଲ୍ୟରେ କାର୍ଯ୍ୟାଳୟ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ ହୋଇଯାଇଛି । ବିଭିନ୍ନ ଜିଲ୍ଲାରୁ ତାଲିମ ନେବାକୁ ଆସିଥିବା ୪୭ ଜଣ ସ୍କାଉଟ ମାଷ୍ଟର ଓ ୨୮ଜଣ ଗାଇଡ୍ କ୍ୟାପଟେନଙ୍କୁ ସାହସ ଧୈର୍ଯ୍ୟର ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜର କର୍ତ୍ତବ୍ୟ ଏବଂ ସମାଜ ପ୍ରତି କିପରି ସମ୍ବେଦନଶୀଳ ହୋଇ ମୁକାବିଲା କରିବା ଉପରେ ସଚେତନ କରାଇଥିଲେ । ଏଇ ଅବସରରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ପ୍ରାକ୍ ସୂଚନା ପ୍ରଦାନ ତଥା ତୁରନ୍ତ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଯାଇଥିବା ଭିନ୍ନ ଭିନ୍ନ ପଦକ୍ଷେପ ବିଷୟରେ ଧାରଣା ଦିଆଯାଇଥିଲା।

## ଦଳ ଛାଡିଲେ ଜାରକା ମଣ୍ଡଳ ବିଜେପି ସଭାପତି

ଧର୍ମଶାଳା (ପିଏନ୍): ଦଳ ଛାଡିଲେ ଜାରକା ମଣ୍ଡଳ ବିଜେପି ସଭାପତି ସୀତାକାନ୍ତ ଶତପଥୀ। ଦଳୀୟ ପଦବୀ ଓ ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଛନ୍ତି । ତାଙ୍କର ଇସ୍ତଫାପତ୍ର ରାଜ୍ୟ ଓ ଜିଲ୍ଲା ସଭାପତିଙ୍କ ନିକଟକୁ ସେ ପଠାଇ ଦେଇଥିବା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି । ପୂର୍ବରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡାଙ୍କ ସମେତ ତାଙ୍କର ବହୁ ସମର୍ଥକ ଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି । ପଞ୍ଚାୟତ ନିର୍ବାଚନ ପୂର୍ବରୁ ୧୪ନମ୍ବର ଜୋନ୍ ଚୋରମୁହାଁ ପଞ୍ଚାୟତ ବଡମଙ୍ଗଳପୁର ଗ୍ରାମର ବରିଷ୍ଠ ବିଜେପି ନେତା ଶ୍ରୀ ଶତପଥୀ ଇସ୍ତଫା ଦେବାପରେ ବିଜେପିକୁ ପୁଣି ଝଟକା ଲାଗିଛି । ପରେ ସେ କେଉଁ ଦଳରେ ଯୋଗଦେବେ ଏନେଇ ସେ ନିର୍ଦ୍ଦିଷ୍ଟ ଭାବେ ସୂଚନା ଦେଇ ନଥିଲେ ହେଁ, ଖୁବ୍‌ଶୀଘ୍ର ବିଜେଡିରେ ଯୋଗ ଦେବା ନେଇ ଚର୍ଚ୍ଚା ହେଉଛି ।

## ଧର୍ମଶାଳା ଯୁବ ବିଜେଡିର ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ର ଉଦ୍‌ଘାଟନ



ଧର୍ମଶାଳା (ପିଏନ୍): ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶ କ୍ରମେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଉତ୍ତରପ୍ରତାପ ଓ ନେଉଳପୁର ଗ୍ରାମ ପଞ୍ଚାୟତ ଠାରେ ବିଜୁ ଯୁବ ଜନତା ଦଳର ସଭାପତି କ୍ଷିତୀଶ କୁମାର ନାୟକଙ୍କ ନେତୃତ୍ୱରେ ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ରକୁ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଭିଜ୍ଞ ଫାର୍ମାସିଷ୍ଟ, ନର୍ସ ଓ ଡାକ୍ତରମାନଙ୍କ ଦ୍ୱାରା ରୋଗୀମାନଙ୍କର ସ୍ୱାସ୍ଥ୍ୟଗତ ପରିକ୍ଷା କରିବା ଏବଂ ଗୁରୁତର ରୋଗୀଙ୍କୁ ଧର୍ମଶାଳା ମେଡିକାଲ, ଯାଜପୁର ଜିଲ୍ଲା ମେଡିକାଲ ଏବଂ କଟକ ମେଡିକାଲକୁ ନେଇ ତାଙ୍କର ଚିକିତ୍ସା କରିବା ପାଇଁ ବିଧାୟକ ସମସ୍ତ ପ୍ରସ୍ତୁତି କରିଛନ୍ତି ବୋଲି ଯୁବ ବିଜେଡି କର୍ମୀମାନେ ବକ୍ତବ୍ୟ ରଖିଥିଲେ। ଉକ୍ତ ଦୁଇ ପଞ୍ଚାୟତର ପରୀକ୍ଷା କେନ୍ଦ୍ରରେ ୮୪୩ ଜଣ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ୧୫ନଂ ଜୋନ ବିଜେଡି କୋର୍ଡିନେଟର ଅମରେନ୍ଦ୍ର ରାୟ, ୧୫ନଂ ଜୋନ ଯୁବ ବିଜେଡି ସଭାପତି ସୟ ମଣ୍ଡଳ, ପଞ୍ଚାୟତ ସଭାପତି ସୁଧାଂଶୁ ସାହୁ, ଜିଲ୍ଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ, ଉତ୍ତରପ୍ରତାପ ଯୁବ ବିଜେଡି ସଭାପତି ସତ୍ୟନାରାୟଣ ବେହେରା, ବରିଷ୍ଠ ବିଜେଡି ନେତା ବଟକୃଷ୍ଣ ରାଉତ, ଜିଲ୍ଲା ସମ୍ପାଦକ ବିକାଶ ରନ ବେହେରା, ନେଉଳପୁର ସରପଞ୍ଚ ଦିବାକର ବେହେରା, ନେଉଳପୁର ପଞ୍ଚାୟତ ବିଜେଡି ସଭାପତି ପଞ୍ଚାନନ ବେହେରା, ଯୁବ ବିଜେଡି ସଭାପତି ଦିପ୍ତିରନ ନାୟକ, ଜିଲ୍ଲା ଯୁବ ବିଜେଡି ଉପସଭାପତି ସବ୍ରତ ଧଳ, ପୂର୍ବତନ ରାଜ୍ୟ ଯୁବ ବିଜେଡି ଉପସଭାପତି ରାକେଶ ନାୟକ, ୧୩ନଂ ଜୋନ ଯୁବ ବିଜେଡି ସଭାପତି ଜିତେନ୍ଦ୍ର ପାଲ, ଜିଲ୍ଲା ଯୁବ ବିଜେଡି ଆଇଟି କୋର୍ଡିନେଟର ଚନ୍ଦନ ଓଝା, ଯୁବ ନେତା ଗୌତମ ସାହୁ ଏବଂ ଉତ୍ତରପ୍ରତାପ ଓ ନେଉଳପୁର ଗ୍ରାମ ପଞ୍ଚାୟତର ସମସ୍ତ ଯୁବ କର୍ମକର୍ତ୍ତାମାନେ ଉପସ୍ଥିତି ରହି ସହଯୋଗ କରିଥିଲେ ।

## ପାଟନାଳୀ ପୋତି ସେପ୍ଟେଜ ଟ୍ରିଟମେଂଟ ପ୍ଲାଂଟ ନିର୍ମାଣ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): ପାଟନାଳୀକୁ ପୋତାଯାଇ ତାହା ଉପରେ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ନିର୍ମାଣ ହେଉଥିବା ସେପ୍ଟେଜ ଟ୍ରିଟମେଂଟ ପ୍ଲାଂଟକୁ ବିରୋଧ କରି ପୌରାଚଂଳ ଅନ୍ତର୍ଗତ ଓଡିଶୋ, ଗଉଡଗୋପ, ନସଡିପୁର, ମେଘବରଡା ସମେତ ଦୁତିଆଳ ମୌଜାର ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି ଯେ ଓଡିଶୋ ମୌଜାର ହାଲ ଖାତା ନଂ.୫୨୯ ଓ ପ୍ଲଟ ନମ୍ବର ୧୦୩୩, ଏରିଆ ଏ୪.୫୦୦ଡିସିମିଲ ଗୋଚର କିସମ ଜମିରେ ଶତାଧିକ ବର୍ଷ ହେବ ଚାଷଜମିରୁ ପାଟନାଳୀ ଦେଇ ଜଳ ନିଷ୍କାସିତ ହୋଇଥାଏ। ଏବେ କେନ୍ଦ୍ରାପଡା ପୌରସଂସ୍ଥା ଏବଂ ଭୁବନେଶ୍ୱର ଓଡିଶା ୱାଟର ସପ୍ଲାଏ ଆଣ୍ଡ ସ୍ୱରେଜ ବୋର୍ଡଙ୍କ ପକ୍ଷରୁ ସେହି ଗୋଚର ପ୍ଲଟ ଉପରେ ବାଲିରେ ପୋତା ଯାଇ ସେପ୍ଟେଜ ଟ୍ରିଟମେଂଟ ପ୍ଲାଂଟ ନିର୍ମାଣ ଚାଲିଛି। ଏହି ପ୍ଲାଂଟ ନିର୍ମାଣ ଫଳରେ ଉପରୋକ୍ତ ମୌଜା ଗୁଡିକର ପ୍ରାୟ ୧୫ଶହ ଏକରରୁ ଉର୍ଦ୍ଧ୍ୱ ଚାଷଜମିରୁ ଜଳ ନିଷ୍କାସନରେ ଗୁରୁତର ପ୍ରତିବନ୍ଧକ ସୃଷ୍ଟି କରିବ ବୋଲି ଚାଷୀମାନେ କହିଛନ୍ତି। ଏହା ଦ୍ୱାରା ସେହି ଅଞ୍ଚଳରେ ଧାନ ଚାଷ ସମେତ ଅନ୍ୟାନ୍ୟ ଫସଲ ପାଣିରେ ସଂପୂର୍ଣ୍ଣ ବୁଡିଯାଇ ନଷ୍ଟ ହୋଇଯିବ। ଏହି ପ୍ରକଳ୍ପ ନିର୍ମାଣ ପୂର୍ବରୁ ସ୍ଥାନୀୟ ଚାଷୀ କିମ୍ବା ଜନସାଧାରଣଙ୍କର ମତାମତ ନିଆନଯାଇ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ଚାଷୀମାନେ କହିଛନ୍ତି । ଏହା ଫଳରେ ସେ ଅଞ୍ଚଳର ଚାଷୀ, ଜମିମାଲିକ ଓ ଜନସାଧାରଣ ଗୁରୁତର ଭାବେ ଆର୍ଥିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଭବିଷ୍ୟତରେ ବହୁ ଅସୁବିଧା ଓ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଅଭିଯୋଗ ହୋଇଛି। ଏଣୁ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ସ୍ୱରୂପ ପାଟନାଳୀର ସ୍ଥିତାବସ୍ଥା ବଜାୟ ରଖାଯାଇ ପୂର୍ବଭଳି ଜଳ ନିଷ୍କାସନ ପଥକୁ ଅବରୋଧ ମୁକ୍ତ କରାଯିବାକୁ ପୂର୍ବତନ ନଗରପାଳ ଧିରେନ ସାହୁ, ଚକ୍ରଧର ଦାସ, ପ୍ରଦିପ କୁମାର ଦାସ, ଚନ୍ଦ୍ରକାନ୍ତ ସାହୁ, ସୁରେନ୍ଦ୍ର ନାଥ ଦାସ, କାହ୍ନୁ ଚରଣ ଦାସ, ମୋହନ ଚରଣ ଦାସ, ଆଇନଜୀବୀ ସେକ ସଲାଉଦ୍ଦିନ, ସୌମେନ୍ଦ୍ର କୁମାର ପୃଷ୍ଟି, ବିଭୁତି ଭୂଷଣ ସ୍ୱାଇଁ, ଜିତେନ୍ଦ୍ର କୁମାର ଦାସ, ନିତ୍ୟାନନ୍ଦ ବେହେରା, ପ୍ରଭାତ କୁମାର ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ନିବେଦନ କରିଛନ୍ତି।




# ଶ୍ୟାମଳ ସୁବର୍ଣ୍ଣର ଶାରଦୀୟ ସଂଖ୍ୟା ଉନ୍ମୋଚିତ

ଭୁବନେଶ୍ୱର,(ପି.ଏନ): ସର୍ବଭାରତୀୟ ସ୍ତରରେ କୃଷିରେ ଉଲ୍ଲେଖନୀୟ ପାରଦର୍ଶିତା ପାଇଁ ଓଡ଼ିଶା କୃଷିକର୍ମଣ ପୁରସ୍କାରରେ ପୁରସ୍କୃତ। କୃଷିର ବିକାଶ,କୃଷକର ବିକାଶ ଏହି ସ୍ଲୋଗାନକୁ ନେଇ୨୦୧୮ ଏପ୍ରିଲ ପ୍ରଥମ ସପ୍ତାହରେ ପ୍ରକାଶ ପାଇଥିଲା ଓଡ଼ିଶାର ପ୍ରଥମ ଛାତ୍ର ସମ୍ପାଦିତ କୃଷି ଭିତ୍ତିକ ତ୍ରୈମାସିକ ପତ୍ରିକା ଶ୍ୟାମଳ ସୁବର୍ଣ୍ଣ। ଏହାରି ଭିତରେ ତିନିବର୍ଷ ଅତିକ୍ରମ କରିସାରିଛି ପତ୍ରିକା। ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷି ଓ କୃଷକର ବିକାଶକୁ ପ୍ରାଥମିକତା ଦେଇ ଆସିଛି।




କୃଷି ବିଜ୍ଞାନୀ ଛାତ୍ର ଓ ଛାତ୍ରୀ ମାନଙ୍କର ଅନନ୍ୟ ପ୍ରଚେଷ୍ଟାର ନିଦର୍ଶନ ଏ ପତ୍ରିକା। କୃଷିର ବିକାଶ , କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ଶ୍ୟାମଳ ସୁବର୍ଣ୍ଣ ସବୁବେଳେ ଚାଷୀ ମାନଙ୍କ ପାଇଁ କାର୍ଯ୍ୟକରି ଆସିଛି। ଏହି ପରିପ୍ରେକ୍ଷୀରେ ପତ୍ରିକାକୁ ଅଧିକ ପାଠକଙ୍କ ପାଖରେ ପହଁଚାଇବା ପାଇଁ ଅନଲାଇନରେ ଇ-ମ୍ୟାଗାଜିନ ପ୍ରକାଶ ପାଇଛି। ଡ଼ିଜିଟାଲ ପ୍ଲାଟଫର୍ମରେ ଶ୍ୟାମଳ ସୁବର୍ଣ୍ଣକୁ ଅଧିକ ଲୋକାଭିବୁଖୀ କରାଇବା ମୁଖ୍ୟ ଲକ୍ଷ୍ୟ ବୋଲି ସମ୍ପାଦକ କହିଛନ୍ତି। ପତ୍ରିକାର ଶାରଦୀୟ ସଂଖ୍ୟା ଉନ୍ମୋଚିତ ହେବା ସହ ଏହା ଏବେ ଅନଲାଇନରେ ପାଠକ ମାନଙ୍କ ପାଇଁ ଉପଲବ୍ଧ। ତଥ୍ୟ ଭିତ୍ତିକ କୃଷି ସମ୍ବନ୍ଧୀୟ ଆଲେଖ୍ୟ ଓ ଫିଚରକୁ ନେଇ ଏଥର ସଂଖ୍ୟା ବେଶ ସମୃଦ୍ଧ। ଚାଷୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପନ୍ଥା ଉଲ୍ଲେଖ କରାଯାଇଛି। ଆଗାମୀ ଦିନରେ ଓଡ଼ିଶାର ଚାଷୀଭାଇମାନଙ୍କ ପାଇଁ ଅନେକ କିଛି କାର୍ଯ୍ୟକ୍ରମ କରାଯିବା ସହ ଶ୍ୟାମଳ ସୁବର୍ଣ୍ଣ ଦ୍ୱାରା ଆରମ୍ଭ କରାଯାଇଥିବା ଦିନିକିଆ କୃଷକ ସଚେତନତା ଓ ପ୍ରଶିକ୍ଷଣ ଶିବିର ପୁନର୍ବାର ଅନ୍ୟ ଜିଲ୍ଲା ମାନଙ୍କରେ କରାଯିବାର ଯୋଜନା ରହିଛି ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି।

# ନିରାଡମ୍ବର ଭାବେ କୋଭିଡ କଟକଣା ମଧ୍ୟରେ ପୂଜା ପାଇଲେ ମା’

କେନ୍ଦୁଝର,(ପି.ଏନ): ପବିତ୍ର ଦୀପାବଳି ଅମାବାସ୍ୟା ତିଥିରେ କେନ୍ଦୁଝର ସହରର ବିଭିନ୍ନ ପୂଜାସ୍ଥଳୀରେ ମା’ ଶ୍ୟାମାକାଳୀଙ୍କ ପୂଜା ରୀତିନୀତି ଅନୁଯାୟୀ ପାଳନ କରାଯାଉଛି। ବେଦଜ୍ଞ ବ୍ରାହ୍ମଣଙ୍କ ପୂଜା,ହୋମ,ଯଜ୍ଞ ରୀତିନୀତିରେ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶରେ ମା’ କାଳୀଙ୍କ ପୂଜା ସମ୍ପନ୍ନ ହୋଇଛି। କୋଭିଡ କଟକଣା ମଧ୍ୟରେ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ପାଳିତ ହେଉଥିବା କାଳୀପୂଜା ଅନୁଷ୍ଠିତ ହୋଇଛି। ଅତୀତରେ ମା’କାଳୀଙ୍କ ପୂଜା ଅବସରରେ ସମଗ୍ର କେନ୍ଦୁଝର ଜିଲ୍ଲା ଉତ୍ସବମୁଖର ହୋଇପଡୁଥିବାବେଳେ ଚଳିତ ବର୍ଷ କରୋନା ଏହି କାଳୀପୂଜାର ମେଳା, ମୀନାବଜାର, ଅପେରା ବନ୍ଦ ହୋଇଛି। ସର୍ବସାଧାରଣ ଦର୍ଶନ ବନ୍ଦ ଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ନୈରାଶ୍ୟ ମନୋଭାବ ପ୍ରକାଶ ପାଇଛି। କେନ୍ଦୁଝର ସହରର କାଳୀପଡିଆରେ ହେଉଥିବା ମୀନାବଜାରକୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ପ୍ରମୁଖ ବ୍ୟବସାୟୀ ଆସି ବ୍ୟବସାୟ କରୁଥିବାବେଳେ ଚଳିତ ବର୍ଷର କୋଡିଭ କଟକଣରାରେ ପୂଜା ସେମାନଙ୍କୁ ନିରାଶ କରିଛି। ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ସରକାର ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ଲାଗୁ କରିଥିବା କରୋନା କଟକଣା ପାଇଁ ଏହି ମେଳା,ମହୋତ୍ସବ ଓ ସର୍ବସାଧାରଣ ଭକ୍ତଙ୍କ ପାଇଁ ମା’ କାଳୀଙ୍କ ଦର୍ଶନ ବନ୍ଦ ରହିଛି । କେବଳ ଶାସ୍ତ୍ରମତେ ପୂଜା ଅନୁଷ୍ଠିତ ହେଉଛି। କାଳୀତୀର୍ଥ,ଟେଲିଫୋନ୍ ଏକ୍ସଚେ ନିକଟସ୍ଥ କାଳୀପୂଜା କମିଟି,କାଶିପୁର ଶ୍ମଶାନକାଳୀ ଓ ମାଇନିଂରୋଡ ରାଣୀ ଉଆସ କାଳୀପୂଜା କମିଟିଙ୍କ ନିକଟରେ ମା’ କାଳୀଙ୍କ ପୂଜା ବିଧିବିଧାନ ମୁତାବକ ପୂଜାକାର୍ଯ୍ୟ ସଂପନ୍ନ ହୋଇଛି। ଏତଦ୍‌ବ୍ୟତୀତ ମା’ କାଳୀଙ୍କ ପୀଠ ଭାବେ ପରିଗଣିତ କେନ୍ଦୁଝର ସହର ଉପକଣ୍ଠ ସିଦ୍ଧମଠ,ମାଧପୁର କାଳୀମନ୍ଦିର ଏବଂ ସରାସ କାଳୀମନ୍ଦିରଠାରେ ରୀତିନୀତି ସହିତ ମା’ କାଳୀଙ୍କର ପୂଜା ମଧ୍ୟ ଅନୁଷ୍ଠିତ ହୋଇଛି। କେନ୍ଦୁଝର କାଳୀପଡିଆର କାଳୀପୂଜା ଚଳିତ ବର୍ଷ ୮୧ ବର୍ଷରେ ପଦାର୍ପଣ କରିଥିବାବେଳେ ଏଠାରେ ଚଳିତ ବର୍ଷ ସାତ ଦିନ ଧରି ମା’ଙ୍କର ପୂଜା ଅନୁଷ୍ଠିତ ହେବ ଏବଂ ଆଠଦିନରେ ବିସର୍ଜନ ହେବ ବୋଲି ଜଣାପଡିଛି। ପ୍ରତ୍ୟେକ ବର୍ଷ ଏଠାରେ ଏଗାର ଦିନ ପୂଜା ହୋଇ ଦ୍ୱାଦଶ ଦିନ ବିସର୍ଜନ ହୋଇଥାଏ। ପ୍ରାୟ ୧୫ ଦିନ ଧରି ଏଠାରେ ମୀନାବଜାର ଓ ମେଳା ଅନୁଷ୍ଠିତ ହୋଇଥାଏ । ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଚାରି ଫୁଟର ମୂର୍ତ୍ତି କରାଯାଇଥିବାବେଳେ ଭକ୍ତଙ୍କର ଦର୍ଶନକୁ ବାରଣ କରାଯାଇଛି ବୋଲି କାଳୀ ତୀର୍ଥର ସମ୍ପାଦକ ଦୀପକ ମିଶ୍ର ପ୍ରକାଶ କରିଛନ୍ତ। କରୋନା ପାଇଁ ଅନୁରୂପ ପଦକ୍ଷେପ ଗ୍ରହଣ କରିଛି ଟେଲିଫୋନ ଏକ୍ସଚେ କାଳୀପୂଜା କମିଟି । ଚାରିଫୁଟ ଉଚ୍ଚତାର ମା’ କାଳୀଙ୍କ ବିଗ୍ରହ କରାଯାଇଥିବାବେଳେ ଚାରିଦିନ ମା’ଙ୍କୁ ପୂଜା କରାଯାଇ ସପ୍ତମ ଦିନ ବିସର୍ଜନ କରାଯିବ ବୋଲି ଏହି କମିଟିର ବରିଷ୍ଠ ସଦସ୍ୟ ସୁରେଶ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି । କୋଭିଡ କଟକଣା ମଧରେ ମେଳା, ମୀନାବଜାର ମଧ୍ୟ ଏଠାରେ ଅନୁଷ୍ଠିତ ହେଉନାହିଁ। ଚଳିତ ବର୍ଷ ଏହା ୫୪ ବର୍ଷରେ ପଦାର୍ପଣ କରିଥିବା କଥା ଶ୍ରୀ ରାଉତ ସୂଚନା ଦେଇଛନ୍ତି। ଏହି ଦୁଇ କମିଟିରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଳ୍ପୀ ମାଗୁଣୀ ଚରଣ କୁଅଁର ମା’ କାଳୀଙ୍କର ପ୍ରତିମା ନିର୍ମାଣ କରିଛନ୍ତି । କାଶୀପୁରଠାରେ ଅନୁଷ୍ଠିତ ହେଉଥିବା କାଳୀପୂଜା ମଧ୍ୟ ବିନା ଆଡମ୍ବରରେ ଆରମ୍ଭ ହୋଇଛି । ଏଠାରେ ମଧ୍ୟ କରୋନା ପାଇଁ ବାହ୍ୟ ଆଡମ୍ବରକୁ ଛାଡି ବିଧି ମୁତାବକ ସମସ୍ତ ପୂଜା କାର୍ଯ୍ୟ କରାଯାଉଛି। କେନ୍ଦୁଝର ସହରର ମାଇନିଂ ରୋଡ ରାଣୀ ଉଆସ କାଳୀପୂଜା କମିଟି ପକ୍ଷରୁ ମା’ କାଳୀଙ୍କ ପୂଜା ତୃତୀୟ ବର୍ଷରେ ପଦାର୍ପଣ କରିଛି ବୋଲି ସମ୍ପାଦକ ଅଜୟ କୁମାର ବେହେରା ସୂଚନା ଦେଇଛନ୍ତି। କେନ୍ଦୁଝରରେ କାଳୀପୂଜା ସାଧାରଣ ଲୋକଙ୍କ ପାଇଁ ଏକ ମହୋତ୍ସବ ହୋଇପଡିଥିବାବେଳେ ଗତ ଦୁଇ ବର୍ଷ ଧରି କରୋନା ଏହାକୁ ଫିକା କରିଦେଇଛି। କୋଭିଡ ନିୟମ ପାଳନ ପାଇଁ କମିଟିମାନେ ପ୍ରଶାସନର ଗାଇଡଲାଇନକୁ ପାଳନ କରୁଥିବା ସହ ଏହାକୁ ଚଳିତ ବର୍ଷ କେବଳ ପୂଜା ମଧ୍ୟରେ ସୀମିତ ରଖାଯାଇଛି। ରାଜ୍ୟ ସରକାରଙ୍କ କୋଭିଡ-୧୯ ନିୟମ ଅନୁଯାୟୀ ସର୍ବସାଧାରଣ ଦର୍ଶନ,ଭୋଗ ଲାଗିବା,ଦୀପ ପ୍ରଜ୍ୱଳନ ଓ ଫୁଲ ଆଦି ମଣ୍ଡପକୁ ନେବା ସମ୍ପୂର୍ଣ୍ଣ ବାରଣ କରାଯାଇଛି ବୋଲି ମାଇନିଂ ରୋଡ ରାଣୀ ଉଆସ କାଳୀପୂଜା କମିଟି ର ଉପଦେଷ୍ଟା ସତ୍ୟଜିତ୍ ମିଶ୍ର ସୂଚନା ଦେଇଛନ୍ତି।

## ଅପହରଣର ୧୦ ମାସ ପରେ ନାବାଳିକା ଉଦ୍ଧାର

କେନ୍ଦୁଝର,(ପି.ଏନ):କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଶିରିଶପାଳ ଗ୍ରାମରୁ ଜଣେ ନାବାଳିକା ଅପହରଣ ହେବାର ୧୦ ମାସ ପରେ ଟାଉନ ପୋଲିସ ନାବାଳିକାକୁ ଉଦ୍ଧାର କରିଛି। ଟାଉନ ପୋଲିସ ର ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ମୋବାଇଲ ଫୋନ୍ ଟ୍ରାକିଂ କରି ଭୁବନେଶ୍ୱର ଅ□ଳରୁ ଠାବ କରି ଉଦ୍ଧାର କରିଛି। ଅପହରଣକାରୀ ଯୁବକ କୌଶଳକ୍ରମେ ସେଠାରୁ ଖସି ଯିବାକୁ ସକ୍ଷମ ହୋଇଛି। ନାବାଳିକାଙ୍କ ପରିବାର ପକ୍ଷରୁ ଅପହରଣ ନେଇ ଗତ ଜାନୁଆରୀ ୨୪ ରେ ଟାଉନ ଥାନାରେ ଏତଲା ଦେବା ପରେ ୩୮/୨୧ ରେ ଏକ ମାମଲା ରୁଜୁ ହୋଇଥିଲା। ଉଦ୍ଧାର ନାବାଳିକାକୁ ଡାକ୍ତରୀମାଇନା ପରେ ସ୍ୱଧାର ଘରେ ରଖାଯାଇଛି। ତେବେ ଅପହରଣକାରୀ ଯୁବକ ଏବଂ ତାଙ୍କୁ ସହାୟତା କରିଥିବା ଲୋକମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଟାଉନ ପୋଲିସ କହିଛି। ଏପରିକି ଭୁବନେଶ୍ୱରରେ ଅପହରଣକାରୀ ଯୁବକକୁ ସହାୟତା କରିଥିବା ଲୋକଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଜଣାପଡିଛି।

## ପୂର୍ବତନ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ଭାତୃ ବିୟୋଗ

ଯୋଡା,(ପି.ଏନ):ଚମ୍ପୁଆର ପୂର୍ବତନ ବିଧାୟକ ସନାତନ ମହାକୁଡଙ୍କର ବଡଭାଇ ଦୁଃଖବନ୍ଧୁ ମହାକୁଡଙ୍କର ଶନିବାର ଭୋର ସମୟରେ ୮୧ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମପ୍ରାଣ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ । ତାଙ୍କର ଏହି ବିୟୋଗରେ ନମ୍ପିରା ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । ସେ କିଛିମାସ ହେବ ବ୍ରେନ୍ ଟ୍ୟୁମର ରୋଗରେ ଆକ୍ରାନ୍ତ ହୋଇ ଅଗଷ୍ଟ ମାସ ୧୮ତାରିଖ ଠାରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ତାଙ୍କର ମସ୍ତିଷ୍କ ଅସ୍ତ୍ରୋପଚାର ହୋଇଥିବା ବେଳେ ପୁନର୍ବାର ଏକ ମାଂସ ପିଣ୍ଡୁଳା ବଢୁଥିବା ଦେଖା ଦେଇଥିଲା । ଫଳରେ ସେ କଟକର ଜଣେ ବିଶେଷଜ୍ଞଙ୍କ ନିକଟରେ ଚିକିତ୍ସିତ ହେଉଥିଲେ । ଚିକିତ୍ସିତ ଅବସ୍ଥାରେ ଶନିବାର ଭୋର ୩ଟା ସମୟରେ ତାଙ୍କର ପ୍ରାଣବାୟୁ ଚାଲି ଯାଇଥିଲା । ତାଙ୍କର ମରଶରୀରକୁ ତାଙ୍କ ଗ୍ରାମକୁ ଅଣାଯାଇଥିଲା । ସେଠାରେ ତାଙ୍କର ଶେଷ ଦର୍ଶନ ପାଇଁ ଶହ ଶହ ସଂଖ୍ୟାରେ ଗ୍ରାମବାସୀ, ଶୁଭେଚ୍ଛୁ, ବନ୍ଧୁ, ପରିଜନ, ରାଜନେତା ପ୍ରମୁଖ ପହଂଚି ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ସହ ବହୁ ରାଜନେତା, କର୍ମୀ ସେଠାରେ ପହଂଚି ତାଙ୍କ ଶ୍ରଦ୍ଧାଳୀ ଦେଇଥିବା ବେଳେ ସମଗ୍ର ନମ୍ପିରା ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ପୂଣ୍ୟତୋୟା ବୈତରଣୀ ନଦୀକୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡିଛି।

## ପ□ାୟତବାସୀଙ୍କୁ ଭତ୍ତା ଓ ପରିଚୟପତ୍ର ବଣ୍ଟନ

ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ ସଭାଗୃହ ଠାରେ ଘଷିପୁରା ବ୍ଲକ ଅନ୍ତର୍ଗତ ୨୩ଗୋଟି ପଂଚାୟତର ୧୨୩ଜଣ ବୃଦ୍ଧ, ବୃଦ୍ଧା, ବିଧବା ମହିଳା ଓ ଦିବ୍ୟାଙ୍ଗଙ୍କୁ ବାର୍ଦ୍ଧକ୍ୟ ଭତ୍ତାପତ୍ର ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ପ୍ରାକ୍ତନ ଗଣଶିକ୍ଷା ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର ଯୋଗଦେଇ ଘଷିପୁରା ବ୍ଲକ ଅନ୍ତର୍ଗତ ୨୩ଗୋଟି ପଂଚାୟତରୁ ଆସିଥିବା ୧୨୩ଜଣ ହିତାଧିକାରୀଙ୍କୁ ଭତ୍ତା ପରିଚୟପତ୍ର ସହ ଦୁଇ ମାସର ଭତ୍ତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଘଷିପୁରା ବ୍ଲକ ତରଫରୁ ପି.ଏ.ବାଣୀ ରନ ବେହେରା, ମନରେଗା ସହକାରୀ ସୁରେଶ କୁମାର ସାହୁ, ଓଏଲଏମ ସୌଭାଗିନୀ ଦାଶ, ବିଏଏଫଟି ଭାଗିରଥି ନାୟକ, ଦେବାଶି, ସାହୁ, ବିଏସ୍‌ଏସ୍‌ଓ ସବିତା ପଣ୍ଡିତ ପ୍ରମୁଖ ଯୋଗ ଦେଇଥିବା ବେଳେ ଅଳତୀ ପଂଚାୟତର ପୂର୍ବତନ ସରପଂଚ ପ୍ରଭାତ କୁମାର ବରାଳ,ସାଇକୁଳ ସରପଂଚ ବିଭାସ ଚନ୍ଦ୍ର ନାୟକ, ପୁରୁଣାବାନ୍ଧଗୋଡା ସରପଂଚ ପ୍ରଦୀପ କୁମାର ଧୀର, ରାମଚନ୍ଦ୍ରପୁର ପଂଚାୟତ ପୂର୍ବତନ ସରପଂଚ ମଦନ ମୋହନ ସାହୁ, ତରୁଆଁ ପଂଚାୟତ ସରପଂଚ ବଳରାମ ବେହେରା, ଗଡବାନ୍ଧଗୋଡା ପୂର୍ବତନ ସରପଂଚ ସୁଶାନ୍ତ ନାୟକ, ଚନ୍ଦ୍ରଭାନୁ ନାୟକ ରମେଶ କୁମାର ମହାରଣା, ରଶ୍ମିରନ ମହାରଣା, ଲାଲମୋହନ ନାୟକ, ତାରାକାନ୍ତ ବେହେରା, ଅଶୋକ କୁମାର ମହାନ୍ତ, ହୃଷିକେଶ ସାହୁ, ପଙ୍କଜ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆନନ୍ଦପୁର ଅବକାରୀ ବିଭାଗର ଚଢାଉ

ଆନନ୍ଦପୁର,(ପି.ଏନ):କେନ୍ଦୁଝର ଅବକାରୀ ଅଧିକ୍ଷକ ସୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଅବକାରୀ ନୀରିକ୍ଷକ ପ୍ରଫୁଲ ମହାନ୍ତି ଓ ଓଆଇସି ନରେନ୍ଦ୍ର ପ୍ରଧାନଙ୍କ ସମେତ କର୍ମଚାରୀ ସୀବ ସେଠୀ, ନିବେଦିତା ମାଝୀ, ସୁଶାନ୍ତ କୁମାର ରାଉତ, ପ୍ରଶାନ୍ତ କୁମାର ପରିଡା, ପ୍ରଫୁଲ କୁମାର ମହାନ୍ତ ପ୍ରମୁଖ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସମସ୍ତ ଜାଗାରେ ସନ୍ଧ୍ୟା ସମୟରେ ପାଟ୍ରୋଲିଂ କରୁଥିବା ବେଳେ ରାସ୍ତା ପାଖରୁ ୩୦ଲିଟର ମଦ ଜବତ କରିବା ସହ ଜଣକୁ ଗିରଫ କରିଛନ୍ତି। ଗିରଫ ହୋଇଥିବା ବ୍ୟକ୍ତି ଜଣକ କେଶଦୁରାପାଳ ଗ୍ରାମର ବାଦଲ ମୁଖି ବୋଲି ଜଣାପଡିଛି।

## ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାରଙ୍କ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।

# ଏସ୍‌ପି ଓ ଜିଲାପାଳଙ୍କ ବଦଳି ନ ହେଲେ ହେବ ଆନ୍ଦୋଳନ

କେନ୍ଦୁଝର,(ପି.ଏନ): ଆଜି ବିଜେପି ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରେସମିଟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରେସ ମିଟରେ ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ କେନ୍ଦୁଝର ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି ବୋଲି କହିବା ସହ ଏହାକୁ ରୋକିବା ପାଇଁ ପ୍ରଶାସନ ବିଫଳ ହୋଇଛି। ସାଧାରଣ ଲୋକଙ୍କ ଧନଜୀବନ ସୁରକ୍ଷା ଦେବାରେ ପ୍ରଶାସନ ବିଫଳ ହୋଇଛି। ଜିଲ୍ଲାର ଆଇନ ଶୃଙ୍ଖଳା ବିପର୍ଯ୍ୟୟ ମଧ୍ୟରେ ଜିଲ୍ଲାର ମାଲିକ ବୋଲାଉଥିବା ଜିଲ୍ଲାପାଳ, କେନ୍ଦୁଝରଙ୍କ କାର୍ଯ୍ୟ ଅବଧି ୪ ବର୍ଷରୁ ଉର୍ଦ୍ଧ୍ୱ ହେବା ସତ୍ତ୍ୱେ ତାଙ୍କର ବଦଳି ନହେବା ଦୂର୍ଭାଗ୍ୟଜନକ। ତୁରନ୍ତ ଜିଲ୍ଲାପାଳ ଏବଂ ଏସପିଙ୍କର ବଦଳି କରାଯିବାକୁ ଶ୍ରୀ ମାଝୀ ଦାବୀ କରିଥିଲେ। କିଏ କେଉଁ ଖଣିରେ ପରିବହନ କାମ କରିବ ଜିଲ୍ଲାପାଳ ଏବଂ ଏସପି ନିଷ୍ପତ୍ତି ନେଉଛନ୍ତି। ସରକାରୀ କାମ କମ ଦଳୀୟ କାମ ଅଧିକ ମୁଣ୍ଡ ଖେଳାଉଥିବା ବିଜେପି ଅଭିଯୋଗ କରିଛି। ଜିଲାପାଳ ଓ ଏସପି ଙ୍କ ବଦଳି ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ । ଜିଲ୍ଲାରେ ଚୋରୀ,ଡକାୟତି,ହତ୍ୟାକାଣ୍ଡ ଏବଂ ଦୁଷ୍କର୍ମ ଭଳି ଘଟଣା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଜାତୀୟ ଅନୁସୂଚିତ ଜନଜାତି କମିଶନ ନିକଟରେ କେନ୍ଦୁଝର ଖଣି ତଳ ଆଦିବାସୀଙ୍କ ସମସ୍ୟା ବିଷୟରେ ତଥ୍ୟ ରଖିବାକୁ ବ□ିତ ରଖି ଆଦିବାସୀ ଯୁବ ନେତା ମୁନା ପୂର୍ତ୍ତିଙ୍କୁ କେନ୍ଦୁଝର ପୋଲିସ ଗିରଫ କରିବା ଏବଂ ଏକାଧିକ ମିଛ କେସ ରେ ତାଙ୍କୁ ଛନ୍ଦି ଦିଆ ଯାଇ ଅପରାଧି ସଜେଇବାକୁ ଚକ୍ରାନ୍ତ କରିବା କେନ୍ଦୁଝର ପୋଲିସ ର ଭୂମିକା ନିନ୍ଦନୀୟ। କେନ୍ଦୁଝର ବାମେବାରୀ ଠାରେ ଆଦିବାସୀ ଝିଅ ଲକ୍ଷ୍ମୀ ମୁଣ୍ଡାଙ୍କୁ ଗଣ ବଳାତ୍କାର ପରେ ହତ୍ୟା ଘଟଣାକୁ ଆତ୍ମହତ୍ୟାର ରୂପ ଦେବା କେନ୍ଦୁଝର ପୋଲିସ ର ଅନ୍ୟ ଏକ କଳଙ୍କିତ କାରନାମା। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଥିବାବେଳେ କେନ୍ଦୁଝର ଜିଲ୍ଲାରେ ଲଗାତାର ୪ ଦିନରେ ୪ଟି ଦୁଷ୍କର୍ମ ଏବଂ ହତ୍ୟା ଘଟଣାରୁ ସ୍ପଷ୍ଟ ଯେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, କେନ୍ଦୁଝର ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଣୁ ତାଙ୍କର ଯଥାଶୀଘ୍ର ବଦଳି କରାଯିବାକୁ ଦାବି କରାଯାଇଥିଲା। ମମିତା ମେହେର ହତ୍ୟା ଘଟଣାକୁ ବାଟବଣା କରିବାରେ ରାଜ୍ୟ ସରକାରଙ୍କ ସଂପୃକ୍ତି ରହିଛି। ମୁଖ୍ୟ ଆସାମୀ ଗୋବିନ୍ଦ ସାହୁ ପୋଲିସ ହେପାଜତରୁ ଖସି ଯିବା, କଲେଜକୁ ଯାଇ ମନ୍ତ୍ରୀଙ୍କ ସମ୍ବନ୍ଧରେ ଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ କମ୍ପ୍ୟୁଟର ହାର୍ଡ ଡିସ୍କରୁ ଉଠାଇବା ଓ ଫେରାର ହେବା ପରେ ମଧ୍ୟ ତାଙ୍କ ବ୍ୟକ୍ତିଗତ ତିନିଟି ଫୋନ ଚାଲୁ ରହିବା, ତା’ ପରେ ମଧ୍ୟ ମନ୍ତ୍ରୀ ଓ ଗୋବିନ୍ଦ ସାହୁଙ୍କ କଲ ଡିଟେଲ ଯା□ ନ ହେବା, ମମିତାଙ୍କୁ ପୋଡା ଯାଇଥିବା ପ୍ଲାଷ୍ଟିକ ମେଟାଲ ଇତ୍ୟାଦିକୁ ତଦନ୍ତ ଲ୍ୟାବ୍‌କୁ ନିଆ ନଯିବା, ୧୬୪ ଜଣଙ୍କ ବୟାନକୁ ରେକର୍ଡ ପରିସରଭୁକ୍ତ କରାନଯିବା ରାଜ୍ୟ ସରକାରଙ୍କ ମାନସିକତା ଉପରେ ସନ୍ଦେହ ସୃଷ୍ଟି କରିଛି। ଏଣୁ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ କୁ ଖସାଇବାକୁ ଉଦ୍ୟମ କରିବା ସହ ପ୍ରମାଣ ନଷ୍ଟ କରି ମନ୍ତ୍ରୀ ଙ୍କ ଖସାଇବାକୁ ହୋଇଥିବା ଉଦ୍ୟମ କୁ ସମାଲୋଚନା କରିଥିଲେ । କେନ୍ଦୁଝର ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ଉପରେ ହୋଇଥିବା ବୋମା ଆକ୍ରମଣର ତଦନ୍ତକୁ କେନ୍ଦୁଝର ଏସ୍‌ପି ବାଟବଣା କରିବା, ଅପରାଧିଙ୍କୁ ଚିହ୍ନଟରେ ମୋହନ ମାଝୀଙ୍କୁ ନ ଡାକିବା, ଅଭିଯୋଗକାରୀ ରାଜା ଚକ୍ରଙ୍କୁ ତଦନ୍ତ ପରିସରକୁ ନ ଆଣିବା, ପୁଲିସ ଦ୍ୱାରା ଗିରଫ ହୋଇଥିବା ମୁନା ଦାସ ବିଜେପିର କାର୍ଯ୍ୟକର୍ତ୍ତା ହୋଇ ନଥିବା ସତ୍ତ୍ୱେ ତାକୁ ବିଜେପି ର କର୍ମୀ ଭାବେ ପ୍ରସ୍ତୁତ କରିବା ଏବଂ ମୁଖ୍ୟ ଷଡଯନ୍ତ୍ରକାରୀ ବିଦ୍ୟାଧର ପରିଡା ର ରାଜା ଚକ୍ର ଲିଙ୍କ୍ କୁ ଲୁଚାଇବା କେନ୍ଦୁଝର ଏସ୍‌ପିଙ୍କ ପ୍ରକୃତ ମୁଖା ଖୋଲି ଦେଇଛି ବୋଲି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କହିଥିଲେ। ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କ ସହିତ ଦଳର କୌଣସି ସକ୍ରିୟ କର୍ମକର୍ତ୍ତା ଦଳ ଛାଡି ନାହାନ୍ତି। ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରି ବ୍ୟକ୍ତିଗତ ସ୍ୱାର୍ଥ ନେଇ ସେ ଦଳ ଛାଡିଛନ୍ତି। ତାଙ୍କୁ ଦଳୀୟ ଅଣଦେଖା କରାଯାଇନଥିଲା । ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଦଳ ଛାଡିଛନ୍ତି। ଏହାର କୌଣସି ପ୍ରଭାବ ଦଳ ଉପରେ ପଡିବ ନାହିଁ ବୋଲି କହିଥିଲେ। ଏଥିରେ ଦଳର କୌଣସି ପ୍ରଭାବ ପଡିବ ନାହିଁ। ଏହି ପ୍ରେସ ମିଟରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ କୈଳାସ ନାୟକ, ମୂରଲୀ ଶର୍ମା, ଜିଲ୍ଲା ବିଜେପି ସମ୍ପାଦକ ଶିବ କୁମାର ରାଠୋର,ବିଜେପି ସାଧାରଣ ସମ୍ପାଦକ ଶୁକଦେବ ମହାନ୍ତ, ଅନୁବ୍ରତ ବେହେରା, ପାଟଣା ବିଧାନସଭା ପ୍ରାର୍ଥୀ ଭବାନୀ ନାୟକ,ନଗର ବିଜେପି ସଭାପତି ବିଶ୍ୱଜିତ୍ ତ୍ରିପାଠୀ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।





2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




 Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରୀତି କମିଟି ଖୋରଧା ତରଫରୁ ସର୍ବ ଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ

ଖୋର୍ଦ୍ଧା,(ପି.ଏନ): ଯାଆଳା ସ୍ଥିତ ମିଶନ ଆଶ୍ରା ପରିସରରେ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରୀତି କମିଟି ଖୋରଧା ତରଫରୁ ଦିବଙ୍ଗତ କଂଗ୍ରେସ ନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୫ମ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ଶ୍ରଦ୍ଧାଞ୍ଜଳୀ ଓ ସର୍ବ ଧର୍ମ ପ୍ରାର୍ଥନା ସଭା ପ୍ରୀତି କମିଟିର ସମ୍ପାଦକ ଅମିତ ମହାନ୍ତିଙ୍କ ଆବାହକତ୍ୱରେ ସମ୍ପାଦନ ହୋଇଛି। ଏହି କାର୍ଯ୍ୟକ୍ରମରେ ଖୋରଧା ଜଟଣୀ ତଥା ଭୁବନେଶ୍ୱରର ଅନେକ ଲୁଲୁ ପ୍ରେମୀ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦଗତି ଆତ୍ମାର କାମନା କରିବା ସହ ଲୁଲୁଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମାନୁଏଲ କରାଡ଼ ଡ଼ାକ୍ତର ହାଜି ନସିଉଦିନ ଖାଁ, ପ୍ରଶାନ୍ତ କୁମାର ପାଟଶାଣୀ ଯଥାକ୍ରମେ ବାଇବେଲ କୋରାନ ଓ ଗୀତାପାଠ କରିଥିଲେ। କାର୍ଯ୍ୟକ୍ରମରେ ଖୋରଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର



ପୂର୍ବତନ ବିଧାୟକ ଡ଼. ଦିଲ୍ଲୀପ ଶ୍ରୀଚନ୍ଦନ, ଜଟଣୀର ଯବୁ ନେତା ମନ୍ମଥ ରାଉତରାୟ ପ୍ରମୁଖ ଯୋଗ ଦେଇ ଲୁଲୁଙ୍କ ଦରଦୀ ହୃଦୟ ସାଙ୍ଗଠନକି ଦକ୍ଷତା ନିଆରା ରାଜନୈତିକ ଜୀବନ ଶୈଳୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୁଲୁ ମହାପାତ୍ରଙ୍କୁ ସୁକନ୍ୟା ଉପାସନା ମହାପାତ୍ର ଓ ଯାମାତା ଶୁଭ୍ରାଂଶୁ ବିଶ୍ୱାଳ ଯୋଗ ଦେଇ ମିଶନ ଆଶ୍ରା ପରିସରରେ ଥିବା ମାନସିକ ଅନଗ୍ରସର ମହିଳାମାନଙ୍କୁ ବସ୍ତ୍ର ବଂଟନ ସହ ଖାଦ୍ୟ ବଂଟନ କରିଥିଲେ। ଏହା ପୂର୍ବରୁ କନ୍ୟା ଉପାସନା ଓ ଜାମାତା ଶୁଭ୍ରାଂଶୁ ନିଃସହାୟ ଶିଶୁ ମାନଙ୍କ ଥଇଥାନ କେନ୍ଦ୍ର ଆମ ଘର ଓ ମାନସିକ ଅନଗ୍ରସର ପୁରୁଷ ଥଇଥାନ କେନ୍ଦ୍ର ଆଶା ଲୋକ ଠାରେ ମଧ ବସ୍ତ୍ର ଖାଦ୍ୟ ବଂଟନ କରିଥିଲେ। ଶେଷରେ ଲୁଲୁଙ୍କ କନ୍ୟା ଉପାସନା ଏଭଳି ଏକ କାର୍ଯ୍ୟକ୍ରମ ପାଇଁ ପ୍ରୀତି କମିଟି ସହ ଉପସ୍ଥିତ ଲୁଲୁ ପ୍ରେମୀ ସମସ୍ତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୧ନମ୍ବର ଶାଖା କେନାଲ ବନ୍ଧକୁ ଅବରୋଧ କରି ପାଇଖାନା ନିର୍ମାଣ ଅଭିଯୋଗ

କେନ୍ଦ୍ରାପଡ଼ା,(ପି.ଏନ) : ୧୧ନମ୍ବର ଶାଖା କେନାଲକୁ ଅଳାବାଙ୍କ ଠାରେ ଅବରୋଧ କରି ପାଇଖାନା ନିର୍ମାଣ କରାଯାଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସଦର ଥାନା ଅନ୍ତର୍ଗତ ଅଳାବାଙ୍କ ଗ୍ରାମର ସର୍ବେଶ୍ୱର ଜେନା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ସେହି ଗ୍ରାମର ସୁରେନ୍ଦ୍ର ସାହୁ ଓ ସଞ୍ଜୟ ସାହୁ ଅଳାବାଙ୍କ ୧୧ନମ୍ବର -ଡି ଶାଖା କେନାଲ ଉପରେ କେନାଲବନ୍ଧ ଅବରୋଧ କରି ଏକ ଛାତପକା ପାଇଖାନା ନିର୍ମାଣ କରୁଛନ୍ତି।

## ଉଦ୍ୟମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିରରେ ୫୫ୟୁନିଟ ରକ୍ତ ସଂଗ୍ରହ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗରାପୁରସ୍ଥିତ ବୈକୁଣ୍ଠନାଥ ବ୍ରହ୍ମଚାରୀ ଆଶ୍ରମ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉଦ୍ୟମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ କେମରନ ଲୁବ୍ରିକାଣ୍ଟ ସହାୟତାରେ ଶନିବାର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ୫୫ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆଶ୍ରମର ବାବାଜୀ ଚେତନାନନ୍ଦ ଦାସ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରି 'ରକ୍ତଦାନ ମହତ ଦାନ' ବୋଲି କହିଥିଲେ। ଏହି ଶିବିରକୁ ଉଦ୍ୟମର ସଭାପତି ବିଶ୍ୱକାନ୍ତ ବିଶ୍ୱାଳ, ସମ୍ପାଦକ ପ୍ରଶାନ୍ତ ଆଚାର୍ଯ୍ୟ, ସରୋଜକାନ୍ତ ସାହୁ, ରାଜେନ୍ଦ୍ର ମହାପାତ୍ର, କୃପାସିନ୍ଧୁ ମଳିକ, ବିଦ୍ଧୁଦତ୍ତ ମଳିକ, ବିଭୁତି ଭୂଷଣ ସାହୁ, ପ୍ରଜେଶ ନାୟକ, ରମାକାନ୍ତ ରାଉତ, ନିକି ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା କଲମଙ୍ଗରେ ହାଲୁକା ମୋଟର ଯାନ ଚାଳନା ତାଲିମ ଆରମ୍ଭ

କଲମଙ୍ଗ, (ପି.ଏନ) : ସ୍ଥାନୀୟ ଅଞ୍ଚଳର ବେକାର ଯୁବକଙ୍କୁ ବିକଳ୍ପ ଜୀବିକା ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଟାଟା ଷ୍ଟିଲର ଗ୍ରାମୀଣ ବିକାଶ ସଂସ୍ଥା ଟାଟା ଷ୍ଟିଲ ଫାଉଣ୍ଡେସନ, କରିଆର ମା ଭବାନୀ ଡ୍ରାଇଭିଂ ଟ୍ରେନିଂ ଇନଷ୍ଟିଚ୍ୟୁଟ ଦ୍ୱାରା ଶୁକ୍ରବାର ଦିନ ସ୍ଥାନୀୟ ଯୁବକମାନଙ୍କ ପାଇଁ ହାଲୁକା ଯାନ ଚାଳନା ତାଲିମ ଶିବିର ଆରମ୍ଭ କରାଯାଇଛି । କଲମଙ୍ଗ ତଥା ଆଖ ପାଖ ଗ୍ରାମ ଯଥା କେନାଭେଟା, ଶଙ୍ଖପଡା, ଚୋରମାଳଦା, ମାଳଦା, ଦେଓଘର ଏବଂ ପଟାବେଡା ଗ୍ରାମର ୩୦ ଟି ସ୍ଥାନୀୟ ଯୁବକ ଏହି ମାସିକିଆ ପ୍ରଶିକ୍ଷଣ ଶିବିରରେ ପୀକୃତ ହୋଇଛନ୍ତି ଯାହା ଡିସେମ୍ବର ୫, ୨୦୨୧ ରେ ଶେଷ ହେବ ।ସଫଳତାପୂର୍ବକ ପ୍ରଶିକ୍ଷଣ ଶେଷ କରିବା ପରେ ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ଏବଂ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯିବ ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଯୋଡା (ପିଏନ): ରାଜ୍ୟ ତଥା କେନ୍ଦୁଝର ଜିଲ୍ଲାର ଦରଦୀ ବନ୍ଧୁ , ସମାଜସେବୀ ତଥା ଚମ୍ପୁଆ ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ଶ୍ରୀ ଯୁକ୍ତ ସନାତନ ମହାକୁଡଙ୍କ ବଡଭାଇ ଶ୍ରୀ ଦୁଃଖବନ୍ଧୁ ମହାକୁଡଙ୍କ ଶନିବାର ଭୋର ୪ଟା ସମୟରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ରୋଗ ହେତୁ ପ୍ରାୟ ଦୁଇ ମାସ ହେବ ସେ ଜିଲ୍ଲା ବାହାରେ ରହି ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଦୁଃଖବନ୍ଧୁ ଅତ୍ୟନ୍ତ ସାଧାସିଧା ପରିଧାନରେ ରହିବା ସହ ଅତି ସରଳ ଏବଂ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଭାବେ ନିଜ ଏବଂ ଆଖପାଖ ଗାଁରେ ବେଶ ପରିଚିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିବା ଜଣାପଡିଛି। ତାଙ୍କ ବିୟୋଗରେ ନିଜ ଗାଁ ତଥା ଆଖ ପାଖ ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହ ତାଙ୍କର ଅନ୍ୟ ଦୁଇ ଭାଇ ଏବଂ ପରିବାର ବର୍ଗଙ୍କୁ ମର୍ମାହତ କରିପକାଇଛି। ସ୍ୱର୍ଗତ ଦୁଃଖବନ୍ଧୁ ଙ୍କ ଶେଷ ଦର୍ଶନ ପାଇଁ ଅନେକ ଲୋକ ରୁଣ୍ଡ ହୋଇଥିବା ଦେଖିବାକୁ ମିଳିଥିଲା। ବିଗତ ଦୁଇ ମାସ ହେବ ପୂର୍ବତନ ବିଧାୟକ ଶ୍ରୀ ମହାକୁଡ ନିଜ ତତ୍ୱାବଧାନରେ ଭଲ ଡାକ୍ତରଙ୍କ ପରାମର୍ଶ ଦ୍ୱାରା ଘରୋଇ ଡାକ୍ତରଖାନାରେ ରଖି ଚିକିତ୍ସିତ କରାଉଥିଲେ। ତେଣୁ ତାଙ୍କର ବିୟୋଗରେ ସେ ଅଧିକ ମ୍ରିୟମାଣ ହୋଇପଡିଛନ୍ତି। ତେବେ ତାଙ୍କ ପାର୍ଥିବ ଶରୀରକୁ କଟକ ରୁ ଅଣାଯାଇ ପରିବାର ଏବଂ ଜ୍ଞାତି କୁଟୁମ୍ବଙ୍କ ଗହଣରେ ନିଜ ଗ୍ରାମ ନମ୍ପିରା ନିକଟସ୍ଥ ବୈତରଣୀ କୂଳରେ ଅନ୍ତିମ ସଂସ୍କାର କରାଯିବ ବୋଲି ଜଣାପଡିଛି।

## ରାଜ୍ୟ ଏଲିମେଣ୍ଟାରି ଟି ଜି ଶିକ୍ଷକ ସଙ୍ଘର ଆଭାସୀ ବୈଠକ

ବାଲେଶ୍ୱର,(ପି.ଏନ): ରାଜ୍ୟ ପ୍ରାଥମିକ ବିଏଡ଼ ତାଲିମପ୍ରାପ୍ତ ସଙ୍ଘର ଏକ ଜରୁରୀ କାଳୀନ ଆଭାସି ବୈଠକ ସଂଘର ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ଲକ୍ଷ୍ମଣ କୁମାର ମହାନ୍ତି ଙ୍କ ସଭାପିତ୍ୱରେ ଓ ସାଧାରଣ ସମ୍ପାଦକ ଶ୍ରୀ ମୁରଲୀଧର ନାୟକ ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସମ୍ପାଦକ ହେମନ୍ତ କୁମାର ପଣ୍ଡା, ସତ୍ୟଭାମା ମୁଦୁଲି, କୈଳାସ ସାହୁ, ଗୁରୁପ୍ରସାଦ ଦାସ, ମଧୁସୂଦନ ନାୟକ, ପ୍ରଫୁଲ୍ଲ ଚ଼କ୍ର, ଇନ୍ଦ୍ରଜିତ ମହାକୁଡ଼, ଶେଷଦେବ ମିଶ୍ର, ମୁରଲୀଧର ପାତ୍ର, ସୁଡଳ ଦେବ ମୁଣ୍ଡ, କମଳା କାନ୍ତ ଦାସ,ଜାକୀର ହୁସେନ, ସତ୍ୟବ୍ରତ ରାଉତ, ନିରଞ୍ଜନ ପଣ୍ଡା, କ୍ଷୀରୋଦ ଭଟ୍ଟମିଶ୍ରଙ୍କ ସହ ରଞ୍ଜିତ ମହାନ୍ତ, ସର୍ବ ?ଶ୍ୱର ମଲ୍ଲିକ, ବଳରାମ ପତି, ସନ୍ତୋଷ ମିଶ୍ର, ଅକ୍ଷୟ ମିଶ୍ର, ସଚ୍ଚିକାନ୍ତ ମିଶ୍ର, ଅଞ୍ଜନ ରାଉତ, ଚ଼ନ୍ଦ୍ରଶେଖର ସାହୁ, ପ୍ରକାଶ କୁମାର ରଥ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ଡ଼. ନମିତା ମହାପାତ୍ର, ସୁବାସ ଚ଼ନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚ଼ନାରେ ଅଂଶ ଗ୍ରହଣ କରି ବିଏଡି ଶିକ୍ଷକ ମାନଙ୍କ ପ୍ରତି ବୈମାତୃକ ମନୋଭାବ ର ଦୃଢ଼ ନିନ୍ଦା କରିଥିଲେ। ସଂଶୋଧିତ କ୍ୟାଡ଼ର ରୁଲ ୨୦୧୯ରେ କିଛି ହୀନଚ଼କ୍ରାନ୍ତକାରୀଙ୍କ ଯୋଗୁଁ କୌଣସି ରାଜ୍ୟରେ ନ ଥିବା ବେନିୟମ ଭାବେ ବି ଏ ବି ଡି ସହ ବି ଏ ସି ଟି ଯୋଗ୍ୟତାକୁ ସମାନ ବିବେଚ଼ିତ କରିବା ଯାହା ବିଏଡିଶିକ୍ଷକ ମାନଙ୍କୁ ହତ୍ୟାକରାଯିବା ସହ ପିଲାଙ୍କ ଭବିଷ୍ୟତ ସହ ଖେଳାଯାଉଅଛି ବୋଲି ମତ ପ୍ରକାଶ ପାଇଛି ।ଏଲିମେଣ୍ଟାରୀ ବିଭାଗରେ ବିଏଡ଼ ଯୋଗ୍ୟତାଧାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ କିଭଳି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଦ୍ୱାରା ଉଦ୍ଦେଶ୍ୟ ମୂଳକ ଭାବେ ହଇରାଣ ହରକତ କରିବା ସହ ମୌଳିକ ସୁବିଧାରୁ ବଞ୍ଚିତ କରେଇବା ପାଇଁ ହୀନ ଚ଼କ୍ରାନ୍ତ ଗୁଡ଼ିକୁ କିଭଳି ଭାବେ ପ୍ରତିହତ କରାଯିବ ଏବଂ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାପାଇଁ ସ୍ଥିର କରାଯାଇଛି । ଶିକ୍ଷା ଅଧିକାର ଅଧିନିୟମ ଭିତ୍ତିରେ କେବଳ ବିଏଡ଼ ଯୋଗ୍ୟତାଧାରୀ ଶିକ୍ଷକମାନଙ୍କୁ ଉଚ୍ଚ଼ ପ୍ରାଥମିକ ବିଦ୍ୟାଳୟରେ ବିଷୟଭିତିକ ଶିକ୍ଷକ, ପ୍ରଧାନ ଶିକ୍ଷକ, ଏ ବି ଇ ଓ, ବି ଇ ଓ , ଏ ଡି ଇ ଓ ଓ ଡି ଇ ଓ ପଦବୀମାନଙ୍କରେ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଦେବାପାଇଁ ସଂଘ ଦୃଢ଼ଦାବୀ କରିବା, ସେହିଭଳି ଭାବେ ଉଚ୍‌ଚ଼ ବିଦ୍ୟାଳୟ ମାନଙ୍କରେ ନିୟୋଜିତ ସମସ୍ତ ପ୍ରାଥମିକ ବିଦ୍ୟାଳୟର ବିଏଡ଼ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେହି ବିଭାଗର ଶିକ୍ଷକମାନଙ୍କ ଭଳି ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଇବା ସହ ଆବଶ୍ୟକ ଆର୍ଥିକ ପ୍ରଦାନ କରିବା, ଲେବେଲ-ଓପଦବୀକୁ ସେକେଣ୍ଡାରୀର ଏସ ର. ଏସ ଇ ଏସ ପଦବୀ ସହ ସମତୁଲ କରିବା, ନୋଡାଲ କ୍ଲଷ୍ଟର ସ୍କୁଲ ପ୍ରକ୍ରିୟାକୁ ବନ୍ଦ କରିବା ସହ ପୂର୍ବ ଆଦେଶ ପ୍ରକାରେ କ୍ଲଷ୍ଟରରେ ବରିଷ୍ଠ ଉଚ୍‌ଚ଼ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପି ଇ ଓ ଭାବେ ଦାୟିତ୍ୱ ପ୍ରଦାନ କରାଇବା, ପଦୋନ୍ନତି ସମୟରେ ଟାଳଟୁଳ ନୀତି ଛାଡି ଧାର୍ଯ୍ୟ ନୀତି ଅବଲମ୍ବନ କରିବା ସହ ନିଅଣ୍ଟିଆ ପଡୁଥିବା ସାଇନ୍ସ ଗ୍ରାଜୁଏଟ ଶିକ୍ଷକ ପଦବୀରେ +୨ରେ ବିଜ୍ଞାନ ବା +୩ରେ ଗଣିତ ରଖିଥିବା ଏବଂ ବିଏଡ଼ରେ ଗଣିତ ବିଷୟ ରଖି ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି ସେମାନଙ୍କୁ ଅବସ୍ଥାପିତ କରି ଶିକ୍ଷାର ମାନ ବୃଦ୍ଧି ପାଇଁ କାର୍ଯ୍ୟ କରିବା, ଲେବେଲ-୩ରୁ ଲେବେଲ-୨ ପଦ ପାଇଁ ରେସିଡେନ୍ସ ପିରିୟଡ ୧ବର୍ଷ କରେଇବା ସହ ଚ଼ଳିତ ମାସରେ ସଙ୍ଘ ତରଫରୁ ଦିଆଯାଇଥିବା ଦାବିପତ୍ର ଉପରେ ମାନ୍ୟବର ଶିକ୍ଷା ମନ୍ତ୍ରୀ ତଥା ସଚ଼ିବଙ୍କ ସହ ଆଲୋଚ଼ନା ପାଇଁ ସମୟ ମାଗିବା ଇତ୍ୟାଦି ବିଷୟରେ ଆଲୋଚ଼ନା କରିଥିଲେ। ନୂତନ ଭାବେ ସଂଗଠିତ ହୋଇଥିବା ଖୋର୍ଦ୍ଧା ଜିଲ୍ଲା ସଂଗଠନର ଉଭୟ ସଭାପତି ଓ ସମ୍ପାଦକଙ୍କୁ ସ୍ୱାଗତ କରିବା ସହ ରାଜ୍ୟ ସଂଗଠନ ପାଇଁ ଶ୍ରୀ ଦାସଙ୍କୁ ଗଣମାଧ୍ୟମ ସଂଯୋଜକ ଭାବେ ନିୟୋଜିତ କରାଯାଇଛି। ଆଗାମୀ ଦିନରେ ଭୁବନେଶ୍ୱରରେ ଏକ ବୈଠକ ଅନୁଷ୍ଠିତ କରିବା ସହ ସରକାର ସଂଘ ର ଦାବୀ ନମାନିଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ସଂଘ ବାଧ୍ୟ ହେବ ବୋଲି ସମସ୍ତେ ମତପୋଷଣ କରିଥିଲେ। ରାଜ୍ୟ ସଂଯୋଜକ ଶ୍ରୀ ବଳରାମ ପତି ଧନ୍ୟବାଦ ଅର୍ପଣ କରିବା ସହ ସଭା ସାଙ୍ଗ କରାଯାଇଥିଲା।

# ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କାମ୍ପସରେ ପୁଣି ଅଶାନ୍ତି,ଶ୍ରେଣୀ ଗୃହରେ ତାଲା ପକାଇଲେ ଛାତ୍ରଛାତ୍ରୀ




ଚଣ୍ଡିଖୋଲ,(ପି.ଏନ୍):ଯାଜପୁର ଜିଲ୍ଲା ଚଣ୍ଡିଖୋଲ ବାବା ଭୈରବାନନ୍ଦ ମହାବିଦ୍ୟାଳୟ ପରିସରରେ ଚାଲୁଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କାମ୍ପସରେ ଶନିବାର ପୁଣି ଅଶାନ୍ତି ଦେଖାଯାଇଛି ,ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହରେ ତାଲା ପକାଇ ବାହାରେ ଧାରଣାରେ ବସିରହିଥିଲେ। ପ୍ରକାଶଥାଉକି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ପ୍ରଥମ ଓ ଦ୍ୱିତୀୟ ନର୍ସିଙ୍ଗଛାତ୍ରଛାତ୍ରୀ ସେମାନଙ୍କର ବିଭିନ୍ନ ଦାବୀପୁରାଣ ନେଇ ପୂର୍ବରୁ କଲେଜ ଅଧକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଆଜି ଏମବିଏ ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ଥିବାରୁ ନର୍ସିଙ୍ଗ ଛାତ୍ରଛାତ୍ରୀମାନଙ୍କର ଦାବୀକୁ କର୍ତ୍ତୃପକ୍ଷ କର୍ଣପାତ ନକରୁଥିବାରୁ ଏହାର ପ୍ରତିବାଦରେ ସେମାନେ ଶ୍ରେଣୀ ଗୃହରେ ତାଲା ପକାଇଦେଇଥିଲେ ।କଲେଜ କର୍ତ୍ତୃପକ୍ଷ ତରବରିଆ ଭାବେ ଅଳ୍ପ ସମୟରେ ଏମବିଏ ପରୀକ୍ଷାକୁ ସାରିଦେଇଥିଲେ । ନର୍ସିଙ୍ଗ ଛାତ୍ରଛାତ୍ରୀମାନଙ୍କର ଅଭିଯୋଗ ମୁତାବକ ଅସ୍ଥାୟୀ କାମ୍ପସରେ ଶିକ୍ଷାଦାନ ପାଇଁ ଅଧ୍ୟାପକଙ୍କ ଅଭାବ ରହିଅଛି ,ସମୁଦାୟ ୮୨ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୪ ଜଣ ଅଧ୍ୟାପକ ରହିଛନ୍ତି ।ସେହିପରି କଲେଜରେ ପଢିବା ପାଇଁ ପାଠାଗାରବି ନାହିଁ. ଛାତ୍ରଛାତ୍ରୀମାନଙ୍କର ପ୍ରାକଟିକାଲ କ୍ଲାସ କରାଯାଉନାହିଁ ଯାହାକି ନର୍ସିଙ୍ଗ ପାଠପାଇଁ ଅତିଆବଶ୍ୟକ ।ପାଠପଢା ମଧ ଠିକ ଭାବେ ହେଉନଥିବା ନେଇ ଛାତ୍ରଛାତ୍ରୀମାନେ ପୂର୍ବରୁ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବି ଆଜି ପର୍ଯ୍ୟନ୍ତ ଅସୁବିଧାଗୁଡ଼ିକ ପୂରଣ ହେଇନାହିଁ.ସମାନ ପ୍ରସଙ୍ଗରେ ପୂର୍ବରୁ ଛାତ୍ରଛାତ୍ରୀମାନେ ଧାରଣା ଓ ପ୍ରତିବାଦ କରିଥିଲେ। ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ସିମାନଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ ,କିନ୍ତୁ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନନେବାରୁ ଶନିବାର ବାଧ ହେଇ ପୁନର୍ବାର ଛାତ୍ରଛାତ୍ରୀମାନେ ଧାରଣାରେ ବସିବା ସହ ଶ୍ରେଣୀ ଗୃହରେ ତାଲା ପକାଇଥିଲେ । ଛାତ୍ରଛାତ୍ରୀଙ୍କ ବିଭିନ୍ନ ଦାବୀ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଦିଆଯାଇଛି ବୋଲି କଲେଜ କର୍ତ୍ତୃପକ୍ଷ କହିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray